ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.35 Bhubaneswar Saturday, March 12, 2022 | ୨୫ତମ ବର୍ଷ ସଂଖ୍ୟା-୩୫ ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବିଜେଡି ସାଂସଦଙ୍କ ଘୋଡା ବେପାର, ସମିତି ସଭ୍ୟଙ୍କ ରେଟ୍ ୨ଲକ୍ଷ

ନୂଆଦିଲ୍ଲୀ, ୧୧।୩(ପି.ଏନ): ପଂଚାୟତ ନିର୍ବାଚନରେ ଶାସକ ବିଜେଡି ନିଜର କଳବଳ ଲଗାଇ ଜିଲ୍ଲା ପରିଷଦ ଆସନଗୁଡିକୁ ଏକତରଫା ଦଖଲ କରିଥିବାବେଳେ ଦଳ ଏବେ ନିର୍ବାଚିତ ପଂଚାୟତ ପ୍ରତିନିଧିମାନଙ୍କୁ କିଣାବିକା କରି ବିଭିନ୍ନ ସ୍ଥାନରେ ପଂଚାୟତ ସମିତିକୁ ଦଖଲ କରିବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି । ବିଜେଡିର ଜଗତସିଂହପୁର ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ ପ୍ରତ୍ୟେକ ସମିତି ସଭ୍ୟଙ୍କ ରେଟ୍ ୨ଲକ୍ଷ ଟଙ୍କା ସ୍ଥିର କରିଥିବାବେଳେ ପଂଚାୟତ ସମିତିକୁ ଦଖଲ ନିମନ୍ତେ ୩୦ରୁ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ସୋଶାଲ୍ ମିଡିଆରେ ଭାଇରାଲ ହେଉଥିବା ଏକ ଅଡିଓ ଟେପରୁ ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ବିଜେଡିର ଗଡ ତିର୍ତ୍ତୋଲ ବ୍ଲକର ମୋଟ ୨୯ଟି ପଂଚାୟତ ଥିବାବେଳେ ସେଠାରେ ସାଂସଦ ରାଜଶ୍ରୀ ମଲ୍ଲିକ ଓ ସ୍ଥାନୀୟ ବିଧାୟକ ବିଜୟ ଶଙ୍କର ଦାସଙ୍କ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଲାଗି ରହିଛି । ତିର୍ତ୍ତୋଲ ବ୍ଲକକୁ ନିଜ ଦଖଲରେ ରଖିବା ପାଇଁ ତିର୍ତ୍ତୋଲ ପଂଚାୟତ ସମିତିକୁ ହାତେଇବା ପାଇଁ ଉଭୟ ରାଜଶ୍ରୀ ଓ ବିଜୟଶଙ୍କର ଜୋରଦାର ଉଦ୍ୟମ କରିଛନ୍ତି ।ତିର୍ତ୍ତୋଲ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଜଣେ ଘନିଷ୍ଠ



ସହଯୋଗୀଙ୍କୁ ତିର୍ତ୍ତୋଲ ବ୍ଲକ ଚେୟାରମ୍ୟାନ୍ କରିବା ପାଇଁ ରାଜଶ୍ରୀ ଏବେ ଗୋଟିଚ୍ଚାଳନା କରୁଥିବାବେଳେ ବିଷ୍ଣୁଙ୍କ ପୁଅ ଅନ୍ୟଜଣେ ବ୍ୟକ୍ତିଙ୍କୁ ଏହି ଆସନରେ ବସାଇବାକୁ ତିର୍ତ୍ତୋଲରେ ଡେରା ପକାଇଛନ୍ତି । ତିର୍ତ୍ତୋଲରେ ବିଜେଡି ସମର୍ଥିତ ଅଧିକାଂଶ ପଂଚାୟତ ସମିତି ସଦସ୍ୟ ଇତିମଧ୍ୟରେ ଭୁବନେଶ୍ୱର ଆସି ସବୁ ଚୂଡାନ୍ତ କରିସାରିଥିବା ଭାଇରାଲ ହେଉଥିବା ଅଡିଓ ଟେପରେ ସାଂସଦ ଡାକ୍ତର ମଲ୍ଲିକ ସ୍ୱୀକାର କରିଛନ୍ତି । ଏହି ଅଡିଓରେ ସାଂସଦ ଡାକ୍ତର ମଲ୍ଲିକ ଜଣେ ଲେଖାଏଁ ପଂଚାୟତ ସମିତି ସଭ୍ୟଙ୍କୁ ୨ଲକ୍ଷ ଟଙ୍କା ଦିଆଯିବା ଓ ମୋଟ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର ହିସାବ ନିଜର ଜଣେ ସହଯୋଗୀଙ୍କୁ ଦେଉଥିବା ଶୁଣିବାକୁ ମିଳିଛି । ଏପରିକି ଅର୍ଥ ଅଭାବରୁ ଜଣେ ସମିତି ସଭ୍ୟ ଏହି ବ୍ଲକ ଚେୟାରମ୍ୟାନ୍ ଗାଁଡରୁ ଦୂରେଇ ରହିଥିବା ସାଂସଦ ଡାକ୍ତର ମଲ୍ଲିକ ସ୍ୱୀକାର କରିବା ସହ ସେ ନିଜେ ମଧ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଗ୍ରହୀ ଥିବା କହିଛନ୍ତି ।ସାଂସଦ ଡାକ୍ତର ମଲ୍ଲିକ ଓ ତାଙ୍କ ସହଯୋଗୀଙ୍କ ମଧ୍ୟରେ ହେଉଥିବା ବାର୍ତ୍ତାଳାପରୁ ଜଣାପଡୁଛି ଯେ, ପଂଚାୟତ ସମିତିକୁ ଦଖଲ ପାଇଁ ପ୍ରାୟ ୩୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ । କାହାକୁ କେମିତି କିଣାଯାଇଛି ତାହା ମଧ୍ୟ ଫାଇନାଲ ହୋଇସାରିଛି । ଏବେ କେହି ସମର୍ଥନ ନଦେଲେ ବି ସହଜରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ଜିତିବ ବୋଲି ସାଂସଦ ଡାକ୍ତର ମଲ୍ଲିକ ଦମ୍ଭୋକ୍ତି ବାଢ଼ିଛନ୍ତି । ବସ୍ ଯୋଗେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅନ୍ୟ କୌଣସି ସ୍ଥାନକୁ ନେବାକୁ ଯୋଜନା ହୋଇଥିବା ଡାକ୍ତର ମଲ୍ଲିକ କହିଛନ୍ତି ।ତେବେ ପ୍ରଶ୍ନ ଉଠୁଛି, ନିର୍ବାଚିତ ପଂଚାୟତ ପ୍ରତିନିଧିମାନଙ୍କୁ କିଣାବିକା କରାଯିବାର ସ୍ପଷ୍ଟ ପ୍ରମାଣ(ଭାଇରାଲ ଅଡିଓ) ରହିଥିଲେ ମଧ୍ୟ ରାଜ୍ୟ ନିର୍ବାଚନ କମିଶନ କାହିଁକି ନିଜଆଡୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଅବାଧ ନିର୍ବାଚନରେ ପ୍ରତିବନ୍ଧକ ସାଜିଥିବା ଓ ଅର୍ଥ ଦେଇ ନିର୍ବାଚିତ ପ୍ରତିନିଧିଙ୍କୁ ଶାସକ ଦଳର ଜଣେ ସାଂସଦ କିଣିଥିବା ସତ୍ତ୍ୱେ ସମସ୍ତେ ଚୁପ୍ ରହିବା ଗଣତନ୍ତ୍ର ପ୍ରତି ଉପହାସ ପାଲଟିଛି ।କେବଳ ଏହି ଗୋଟିଏ ଘଟଣା ନୁହେଁ, ରାଜ୍ୟର ୩୧୪ଟି ପଂଚାୟତ ସମିତି ଅଧକ୍ଷ ନିର୍ବାଚନ ଆସନ୍ତାକାଲି ଅର୍ଥାତ ୧୨ତାରିଖରେ ଥିବାବେଳେ ଶାସକ ବିଜେଡିର ତୀବ୍ର ଗୋଷ୍ଠୀକନ୍ଦଳ ଯୋଗୁ ଅଧିକାଂଶ ପଂଚାୟତ ସମିତି ହାତଛଡା ହେବାର ଆଶଙ୍କା ରହିଛି । ଅଧିକାଂଶ ପଂଚାୟତ ସମିତିରେ ବିଜେଡି ହିଁ ବିଜେଡିର ମୁଖ୍ୟ ଶତ୍ରୁ ପାଲଟିଛି ।

# ଏପ୍ରିଲ ୨୯ରୁ ମେ ୬ ଯାଏଁ ମାଟ୍ରିକ ପରୀକ୍ଷା

## - ନିଜ ସ୍କୁଲରେ ପରୀକ୍ଷା ଦେବେ ପିଲା - ୩ ଟି ବିକଳ୍ପ ମୂଲ୍ୟାୟନ ବ୍ୟବସ୍ଥା

ଭୁବନେଶ୍ୱର, ୧୧।୩(ପି.ଏନ): ଚଳିତ ବର୍ଷ ଏପ୍ରିଲ ୨୯ ତାରିଖରୁ ମେ ୬ ତାରିଖ ଯାଏଁ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଦିନ ଏହି ସୂଚନା ଦେଇଛନ୍ତି । ଏହା ଫଳରେ ମାଟ୍ରିକ ପରୀକ୍ଷାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ ଦୂର ହୋଇଛି । ଏହାସହ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ମଧ୍ୟମା(ସଂସ୍କୃତ) ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ପରୀକ୍ଷା ମଧ୍ୟ ଏପ୍ରିଲ ୨୯ତାରିଖଠାରୁ ଆରମ୍ଭ ହୋଇ ମେ ୦୬ ତାରିଖରେ ଶେଷ ହେବ ।ସେ କହିଛନ୍ତି ଯେ ଏଥର ମାଟ୍ରିକ୍ ପରୀକ୍ଷାଗୁଡ଼ିକ ପିଲା ପଢୁଥିବା ନିଜ ସ୍କୁଲରେ ଦେବେ । କିନ୍ତୁ, ପରୀକ୍ଷା ପରିଚାଳନା ପାଇଁ ଅନ୍ୟ ସ୍କୁଲର ଶିକ୍ଷକମାନେ ନିୟୋଜିତ ହେବେ । ଯେଉଁଠି ତାହା ସମ୍ଭବପର ହେବ ନାହିଁ ସେଠାରେ ପାଖ ସ୍କୁଲରେ ପିଲାମାନେ ପରୀକ୍ଷା ଦେବେ । ସେ ଆହୁରି କହିଛନ୍ତି ଯେ, ସମସ୍ତଙ୍କ ପାଇଁ ଅଫଲାଇନରେ ମାଟ୍ରିକ ପରୀକ୍ଷା ହେବ । ତିନୋଟି ରୂପରେ ପିଲାଙ୍କ ଖାତା ମୂଲ୍ୟାୟନ ହେବ । ସମେଟିଭ୍ ଆସେସମେଂଟ ୨ ପରୀକ୍ଷା ସବୁ ଛାତ୍ରଛାତ୍ରୀ ନିଜ ସ୍କୁଲରେ ଦେବେ । ଯଦି ଦରକାର ପଡେ ନିକଟତମ ସ୍କୁଲରେ ପିଲା ପରୀକ୍ଷା ଦେବେ । ଏନେଇ ମାଧ୍ୟମିକ ସ୍କୁଲ ଶିକ୍ଷା ପରିଷଦ ଗାଇଡଲାଇନ୍ ଜାରି କରିବେ । ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଯେଉଁ ପଦ୍ଧତିରେ ଛାତ୍ରଛାତ୍ରୀ ଭଲ ମାର୍କ ରଖିବେ ସେହି ମାର୍କକୁ ଚୂଡାନ୍ତ କରାଯିବ । ପ୍ରଥମ ଦୁଇଟି ହେଉଛି ବିକଳ୍ପ ଓ ତୃତୀୟରେ ନୂଆ ପଦ୍ଧତିରେ ଫଳ ନିର୍ଦ୍ଧାରଣ ହେବ ।ପ୍ରଥମ ପଦ୍ଧତିରେ ସମେଟିଭ୍ ଆସେସମେଂଟ୍ ୧ ଓ ଇଂଟରନାଲ ଆସେସମେଂଟକୁ ଦୁଇ ଗୁଣା କରି ଛାତ୍ରଛାତ୍ରୀଙ୍କ ମାର୍କ ବାହାରିବ । ଦ୍ୱିତୀୟ ପର୍ଯ୍ୟାୟରେ ସମେଟିଭ୍ ଆସେସମେଂଟ ୨ ଆଧାରରେ ମାର୍କ ଦିଆଯିବ ।ସମ୍ମେଟିଭ୍-୨ ମାର୍କ ୨ ଗୁଣ କରି ହିସାବ କରାଯିବ । ୩ୟ ପଦ୍ଧତି ହେଉଛି ଇଂଟରନାଲ୍ ଆସେସ୍‌ମେଂଟର ୨୦% ସମ୍ମେଟିଭ୍-୧ରୁ ୩୦% । ତେବେ ସମ୍ମେଟିଭ୍-୨ରୁ ୫୦ ପ୍ରତିଶତ ନମ୍ବର ନେଇ ମାର୍କିଂ କରାଯିବ । ବିଭିନ୍ନ ପରୀକ୍ଷା ଫଳ ମିଶାଇ ମାର୍କ ନିର୍ଦ୍ଧାରଣ କରାଯିବ । ଯେଉଁଥିରେ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖିବେ ତାକୁ ହିଁ ଚୂଡାନ୍ତ ଫଳ ବୋଲି ଧରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।ସେ କହିଛନ୍ତି ଯେ, ୨ ବର୍ଷ ହେଲା କରୋନା ମହାମାରୀ ଲାଗି ରହିଛି । ଏହା ମାନସିକ, ଶାରୀରିକ ଓ ଅର୍ଥନୈତିକ ଶକ୍ତିକୁ ପ୍ରଭାବିତ କରିଛି । ପାଠପଢାକୁ ମଧ୍ୟ ପ୍ରଭାବିତ କରିଛି । ଅନେକ ପିଲା ସ୍କୁଲ ଯାଇ ପାରିନାହାଁନ୍ତି । ଲକଡାଉନ୍ ଓ ସଟଡାଉନ୍ ପାଇଁ ସ୍କୁଲ ବନ୍ଦ ରହିଛି । ଅନେକ ମାନସିକ ଭାରସାମ୍ୟ ହରାଇଛନ୍ତି । ଗତବର୍ଷ କରୋନା ପାଇଁ ଦଶମ ଶ୍ରେଣୀ ପରୀକ୍ଷା ହୋଇପାରିନଥିଲା । ନୂଆ ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏବର୍ଷ ୨୦୨୧-୨୨ ଶିକ୍ଷାବର୍ଷରେ କିଛି ସ୍ଥିତି ସୁଧୁରିଛି ବୋଲି ସେ କହିଛନ୍ତି । ସେ ଆହରି କହିଛନ୍ତି ଯେ ମାଟ୍ରିକ୍ ପରୀକ୍ଷା କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ପାଇଁ ପ୍ରସ୍ତୁତି ତଥା ପରୀକ୍ଷା କରିବାକୁ ଯଥାର୍ଥ ସମୟ ଆସିଛି କି'ନାହିଁ ଜାଣିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଛାତ୍ରଛାତ୍ରୀ, ଶିକ୍ଷକସମାଜ, ଶିକ୍ଷକ ସଂଗଠନର ସଦସ୍ୟ, ଅଭିଭାବକ, ଅଭିଭାବକ ସଂଗଠନର ସଦସ୍ୟ ଏବଂ ବିଭିନ୍ନ ଶିକ୍ଷା ପଦାଧିକାରୀ ଏବଂ ଓଡ଼ିଶାର ମାନ୍ୟଗଣ୍ୟ ଶିକ୍ଷାବିତ୍ ଗଣଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ସମସ୍ତ ହିତାଧିକାରୀ ମତ ଦେଇଥିଲେ ଯେ: ଏସଏ-୨ ପରୀକ୍ଷା କରିବା ଆବଶ୍ୟକ ଓ ଅଫଲାଇନ୍ ମୋଡ୍ ରେ ପରୀକ୍ଷା ପରିଚାଳନା କରାଯାଉ । ଦିନକୁ ଗୋଟିଏ ବିଷୟ ଏବଂ କିଛି ପରୀକ୍ଷା ମଧ୍ୟରେ ଖୁବ୍ କମ୍ ବ୍ୟବଧାନ ରଖି ପରୀକ୍ଷା କରାଯାଇ ଶୀଘ୍ର ସମାପ୍ତ କରାଯାଉ । ଖରାଦିନ ଆସି ଯାଇଥିବାରୁ ପରୀକ୍ଷା ସକାଳ ୮ ଘଟିକାଠାରୁ ଆରମ୍ଭ କରାଯାଉ । ଯେହେତୁ ପାଠ୍ୟ ଖସଡ଼ା ମାର୍ଚ୍ଚ ମାସରେ ସରିବ, ପରୀକ୍ଷା ଅପ୍ରେଲ ମାସର ଶେଷ ସପ୍ତାହରେ ଆରମ୍ଭ କରାଯାଉ । ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷା ତଥା ଶିକ୍ଷାବିତ୍ ମାନଙ୍କ ମତାମତକୁ ଆଧାର କରି ସରକାର ଏସଏ-୨ ପରୀକ୍ଷା କରିବାକୁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ନକଲି ଡାକ୍ତର ରମେଶ ସ୍ୱାଇଁର ହେବ ଲାଏ ଡିଟେକ୍ସନ ଟେଷ୍ଟ

ଭୁବନେଶ୍ୱର, ୧୧।୩(ପି.ଏନ): ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କର ଆଗାମୀ ବୁଧବାର ଦିନ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ । ପଚରାଉଚରା ସମୟରେ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେଉଥିବାରୁ ରମେଶ ଚନ୍ଦ୍ର ସ୍ୱାଇଁଙ୍କର ଲାଏ ଡିଟେକ୍ସନ ଟେଷ୍ଟ ଲାଗି ପୋଲିସ ପକ୍ଷରୁ ନ୍ୟାୟାଳୟରେ ଆବେଦନ କରାଯାଇଥିଲା । ଏଥିଲାଗି ନ୍ୟାୟାଳୟ ଅନୁମତି ଦେବା ପରେ ଆସନ୍ତା ବୁଧବାର ଲାଏ ଡିଟେକ୍ସନ କରାଯିବ ବୋଲି ଭୁବନେଶ୍ୱର ମହିଳା ଥାନା ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ନିଜକୁ ଜଣେ ଡାକ୍ତର ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପ୍ରଶାସନିକ ଅଧିକାରୀ ବୋଲି ପରିଚୟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଂଚଳର ରମେଶ ଚନ୍ଦ୍ର ସ୍ୱାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ୧୭ ଜଣରୁ ଉର୍ଦ୍ଧ୍ୱ ମହିଳାଙ୍କୁ ବିବାହ କରିଛି । ଏହି ଘଟଣାରେ କମିଶନରେଟ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅଧିକ ତଦନ୍ତ କରୁଛି ।

### ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡର ଜେନେରାଲ ମ୍ୟାନେଜରଙ୍କ ଘର ଓ ଅନ୍ୟ ସ୍ଥାନ ଉପରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୧୧।୩ (ପି.ଏନ): ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡର ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ଦର୍ଜୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି ।

## ମଝି ରାସ୍ତାରୁ ଦୁଇ ୱାର୍ଡ ମେମ୍ବରଙ୍କୁ ଅପହରଣ, ୭ ଘଣ୍ଟା ପରେ ଛାଡିଲେ

ବଲାଙ୍ଗିର, ୧୧।୩(ପି.ଏନ): ନାଏବ ସରପଞ୍ଚ ନିର୍ବାଚନରେ ଭାଗ ନେବା ପାଇଁ ସାଥୀଙ୍କ ସହ ପଞ୍ଚାୟତ ଅଫିସ୍ ଯାଉଥିଲେ ଦୁଇ ୱାର୍ଡ ମେମ୍ବର । ହେଲେ ରାସ୍ତା ମଝିରୁ ସେମାନଙ୍କୁ ଉଠାଇ ନେଲେ ବିରୋଧୀ ଗୋଷ୍ଠୀ । ପ୍ରାୟ ୭ ଘଣ୍ଟା ପରେ ସେମାନଙ୍କୁ ଛାଡିଛନ୍ତି । ଆଜି ଏପରି ଅଭିଯୋଗ ବଲାଙ୍ଗିର ଜିଲ୍ଲାରୁ ଆସିଛି ।ଆଜି ଥିଲା ନାଏବ ସରପଞ୍ଚ ନିର୍ବାଚନ । ସେଥିପାଇଁ ସାହାଜବାହାଲ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବରଙ୍କୁ ଧରି ନାଏବ ସରପଞ୍ଚ ପ୍ରାର୍ଥୀ ନିରୂପମା ମହାନନ୍ଦ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ । ତେବେ ଗାଁ ଆମ୍ବ ତୋଟା ନିକଟରେ ପୂର୍ବରୁ ଛପି ରହିଥିବା କେତେକ ବ୍ୟକ୍ତି ସେମାନଙ୍କ ଭିତରୁ ଦୁଇଜଣ ୱାର୍ଡ ମେମ୍ବରଙ୍କୁ ଜୋର ଜବରଦସ୍ତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି ।ସାହାଜବାହାଲ ଗାଁର ୱାର୍ଡ ନମ୍ବର ୭ର ୱାର୍ଡ ମେମ୍ବର ଯୁଧିଷ୍ଠିର ଡାଙ୍ଗ ଓ ୮ ନମ୍ବର ୱାର୍ଡର ୱାର୍ଡ ମେମ୍ବର ନାରାୟଣ ଭୋଇଙ୍କୁ ଅପହରଣ କରାଯାଇଛି । ଏନେଇ ନାଏବ ସରପଞ୍ଚ ପ୍ରାର୍ଥୀ ନିରୂପମା ମହାନନ୍ଦ ଓ ଅପହୃତଙ୍କ ପରିବାର ଲୋକେ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବିପକ୍ଷ ଗୋଷ୍ଠୀର ଲୋକମାନେ ଅପହରଣ କରିଥିବା ନେଇ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଅପହୃତ ୱାର୍ଡ ମେମ୍ବର ସଦସ୍ୟଙ୍କ ପରିବାର ଲୋକେ ଓ ସମର୍ଥକ ପଞ୍ଚାୟତ ଅଫିସରେ ପହଞ୍ଚି ଭୋଟ୍ ବାକ୍ସ ଓ ବାଲାଟ୍ ପେପର ଛଡାଇ ନେଇଯାଇଥିଲେ । ଏପରିକି ପ୍ରିଜାଇଡିଂ ଅଫିସରଙ୍କ ମୋବାଇଲ୍ ମଧ୍ୟ ଛଡାଇ ନେଇଯାଇଥିଲେ । ଏ ସମ୍ପର୍କରେ ଖବର ପାଇ ଦେଓଗାଁ ଥାନା ପୁଲିସ୍ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା ।

## ପଞ୍ଚାୟତ ଅଫିସ୍ ପାଲଟିଲା ରଣକ୍ଷେତ୍ର, ଭାଙ୍ଗିଲା ଫାଣ୍ଡି ଅଧିକାରୀଙ୍କ ହାତ

କେନ୍ଦୁଝର (ପ୍ରଣୟ କୁମାର ପାଣି): ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଲା ରଣକ୍ଷେତ୍ର । ଦୁଇ ଗୋଷ୍ଠୀ ହୋଇଛନ୍ତି ମୁହାଁମୁହିଁ । ଆକ୍ରମଣ ଓ ପ୍ରତିଆକ୍ରମଣରେ ଫାଣ୍ଡି ଅଧିକାରୀଙ୍କ ହାତ ଭାଙ୍ଗିଥିବା ବେଳେ ଅନ୍ୟ ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଆଜି ଏପରି ଘଟଣା କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ରାଇଡିହା ପଞ୍ଚାୟତ କାର୍ଯ୍ୟାଳୟରେ ଘଟିଛି ।ସାହାରପଡା ବ୍ଲକ୍ ରାଇଡିହା ପଞ୍ଚାୟତରେ ଆଜି ନାଏବ ସରପଞ୍ଚ ପାଇଁ ନିର୍ବାଚନ ହୋଇଥିଲା । ନିର୍ବାଚନ ପୂର୍ବରୁ ପୂର୍ବତନ ନାଏବ ସରପଞ୍ଚ ତଥା ବର୍ତ୍ତମାନର ୭ ନମ୍ବର ୱାର୍ଡ ମେମ୍ବର ଆଉଥରେ ନାଏବ ସରପଞ୍ଚ ପାଇଁ ନାମାଙ୍କନପତ୍ର ଦାଖଲ କରୁଥିଲେ । ଠିକ୍ ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀ ତାଙ୍କୁ ବିରୋଧ କରିଥିଲେ ।





ଯାହାଫଳରେ ଉଭୟ ଗୋଷ୍ଠୀ ମଧ୍ୟ ସଂଘର୍ଷ ହୋଇଥିଲା ।
ଶୃଙ୍ଖଳା ରକ୍ଷା କରିବାକୁ ସହାରପଡା ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ୍ ଆସିଥିଲେ । ହେଲେ ସେ ଗୋଟିଏ ଗୋଷ୍ଠୀର ମହିଳାଙ୍କ ଆକ୍ରମଣର ଶିକାର ହୋଇଥିଲେ । ଆକ୍ରମଣରେ ଫାଣ୍ଡି ଅଧିକାରୀଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଦୁଇ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ପରିସ୍ଥିତି ଅଣାୟତ ହେଉଥିବା ଦେଖି ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଓ ଘଟଗାଁ ଏସ୍‌ଡିପିଓ ଏକ ପ୍ଲାଟୁନ୍ ଫୋର୍ସ ଧରି ପଞ୍ଚାୟତରେ ପହଞ୍ଚି ଥିଲେ । ଗଣ୍ଡଗୋଳ ମାମଲାରେ ପୁଲିସ ୧୩ ଜଣଙ୍କୁ ଅଟକ ରଖି ପଚ୍ଚରା ଉଚୁରା କରୁଛି ।

## ସ୍ଥାୟୀ ଭବିଷ୍ୟତ ପାଇଁ ଭାରତୀୟ କୃଷିର ପୁନର୍ବିନ୍ୟାସ ଉପରେ କିଟ୍‌ରେ ଜାତୀୟ ଆଲୋଚନାଚକ୍ର

ଭୁବନେଶ୍ୱର, ୧୧।୩(ପି.ଏନ): ସ୍ଥାୟୀ ଭବିଷ୍ୟତ ପାଇଁ ଭାରତୀୟ କୃଷି ବ୍ୟବସ୍ଥାକୁ ପୁନଃ ସଙ୍ଗଠିତ କରିବା ପାଇଁ କିଟ୍‌ରେ ତୃତୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩ ଦିନିଆ ଆଲୋଚନାଚକ୍ରରେ ଆଇଜିଏଆରର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର, ଏଟିପିବିଆର୍ (ଫାଉଣ୍ଡେସନ୍ ଫର୍ ଆଡ୍‌ଭାନ୍‌ସଡ ଟ୍ରେନିଂ ଇନ୍ ପ୍ଲାଣ୍ଟ ବ୍ରିଡିଂ)ର ନିର୍ଦ୍ଦେଶକ ଡ. କେ. କେ. ନାରାୟଣନ୍, ଏଟିପିବିଆର୍‌ର ସ୍ୱାଧୀନ ନିର୍ଦ୍ଦେଶକ ଡ. ସୁରେନ୍ ଟିକୁ, ଓୟୁଏଟିର କୁଳପତି ଡ. ପି. କେ. ଅଗ୍ରୱାଲ୍, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, କିଟ୍ ଟିବିଆଇର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ସୁଆର, କିଟ୍ ବାୟୋଟେକ୍ନୋଲୋଜିର ଡ. ଗାର୍ଗୀ ଦେ ଓ ଡ. ଗୋପାଳ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ । କିଟ୍ ବାୟୋଟେକ୍ନୋଲୋଜି ସ୍କୁଲ୍ ଆନୁକୂଲ୍ୟରେ ଏଟିପିବିଆର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଡ. ତ୍ରିଲୋଚନ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ଥାୟୀ କୃଷି କିଭଳି



ଅଙ୍ଗାରକାମ୍ଳ ଫୁଟପ୍ରିଣ୍ଟ, ରସାୟନିକ ଫୁଟପ୍ରିଣ୍ଟ ଓ ଜଳ ଫୁଟପ୍ରିଣ୍ଟକୁ ହ୍ରାସ କରିବାରେ ସହାୟକ ହୋଇଥାଏ ସେ ସମ୍ପର୍କରେ କହିଥିଲେ । ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଗ୍ରାମାଞ୍ଚଳ ନିୟୋଜନ ଏବଂ କୃଷି ନିୟୋଜନର ଯଥେଷ୍ଟ ଅବଦାନ ରହିଛି ବୋଲି ସେ କହିଥିଲେ । ଆଇସିଆରଆଇଏସ୍‌ଏଟିର ମହାନିର୍ଦ୍ଦେଶିକା ଡ. ଜାକି ହଗେସ୍ କୃଷି ଓ ଖାଦ୍ୟ ବ୍ୟବସ୍ଥାର ଆଧୁନିକିକରଣ ଉପରେ ଜୋର ଦେଇ ଆବଣ୍ଟନ ବ୍ୟବସ୍ଥାରେ ସୁଧାର ଆଣିବା, ପିଢ଼ିର ଦ୍ରୁତ ଉନ୍ନତି ଏବଂ ଗବେଷଣା ସହଭାଗିତା ଗଠନ କରିବା ପାଇଁ ମତ ଦେଇଥିଲେ । ଡ. ଅଗ୍ରୱାଲ୍ କୃଷିର ୫ଟି 'ଏଫ' ବର୍ଣ୍ଣନା କରି କୃଷି କ୍ଷେତ୍ରରେ କମ୍ ପୁଞ୍ଜି ଲଗାଣରେ ଅଧିକ ଲାଭ ମିଳିବା ଉପରେ ଚିନ୍ତା ବ୍ୟକ୍ତ କରିଥିଲେ । ସମ୍ବଳ ସଂରକ୍ଷଣ ଆଧାରିତ କୃଷି ହେଉଛି ବର୍ତ୍ତମାନ ସମୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ଏହା ସ୍ଥାୟୀ ଭବିଷ୍ୟତ ପାଇଁ ନିଶ୍ଚିତ ଆବଶ୍ୟକ ବୋଲି ପ୍ରଫେସର ଚୌଧୁରୀ ମତ ପ୍ରକାଶ କରିଥିଲେ । କୃଷି କ୍ଷେତ୍ରର ଔଦ୍ୟୋଗିକ ଦିଗଗୁଡ଼ିକ ଉପରେ ଆଲୋକପାତ କରି ଡ. ସୁଆର କହିଲେ, ସମନ୍ୱୟ ଓ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବା ହେଉଛି ସ୍ଥାୟୀ କୃଷି ଭବିଷ୍ୟତର ମୂଳ ଚାବି । ଏହା ସହିତ କିଟ୍‌ରେ ଏଟିପିବିଆର୍ ଏଭଳି ଆଲୋଚନାଚକ୍ର ଆୟୋଜନ କରିଥିବାରୁ ସେ ଆଇଟିପିବିଆର୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଡ. ପ୍ରଧାନ, ଡ. ଅଗ୍ରୱାଲ୍, ପ୍ରଫେସର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆନ୍ତଃବିଶ୍ୱବିଦ୍ୟାଳୟ କୃଷି କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଓୟୁଏଟିକୁ ବିଜୟୀ ଘୋଷଣା କରାଯାଇଥିଲା ।

## ବିଜେପିର ବିଜୟ ଓଡିଶା ବିଧାନସଭା ନିର୍ବାଚନ ଉପରେ ପ୍ରଭାବ ପକାଇବନି : ଅମର ପଟ୍ଟନାୟକ

ଭୁବନେଶ୍ୱର, ୧୧।୩(ପି.ଏନ): ୪ ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ହୋଇଛି । ତେବେ ବିଜେପିର ଏହି ଫଳାଫଳ ୨୦୨୪ ଓଡ଼ିଶା ବିଧାନସଭା ନିର୍ବାଚନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି । ସେ କହିଛନ୍ତି ଯେ ବିଜେଡିର ଭୋଟ ପ୍ରତିଶତ ବଢିଛି । ଏହାକୁ ଭୋଟରେ କନଭର୍ଟ କଲେ ଆହୁରି ଅଧିକ ଆସନ ଜିତିବୁ ।ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏହି ନିର୍ବାଚନ ଫଳାଫଳର ପ୍ରଭାବ କଂଗ୍ରେସ ଉପରେ ନୁହଁ ବରଂ ବିଜେଡି ଉପରେ ପଡ଼ିବ । ତେବେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ ଲାଗି ରହିଥିବା ଟଣାଓଟରା ଯୋଗୁ କଂଗ୍ରେସ ହାରୁଥିବା ସେ ରହିଛନ୍ତି ।

# ପୌର ନିର୍ବାଚନ ପାଇଁ ଅବକାରୀ ଧରପଗଡ ଜୋରଦାର

## ୧୦ ଦିନରେ ୮୯୦ ଗିରଫ ,୪.୫କୋଟି ଟଙ୍କାର ସାମଗ୍ରୀ ଜବତ , ୧୦୬୫ ମାମଲା

ଭୁବନେଶ୍ୱର, ୧୧।୩(ପି.ଏନ): ପୌର ନିର୍ବାଚନ ସମୟରେ ଯେଭଳି ବେଆଇନ ନିଶା କାରବାର ନହୁଏ ସେଥିପାଇଁ ଅବକାରୀ ବିଭାଗ ଧରପଗଡକୁ ଜୋରଦାର କରିବା ଫଳରେ ମାର୍ଚ୍ଚ ମାସର ୧୦ଦିନ ମଧ୍ୟରେ ନିଶା କାରବାରରେ ଜଡିତ ୮୯୦ ଜଣ ଗିରଫ ହେବା ସହିତ ପ୍ରାୟ ୪.୫କୋଟି ଟଙ୍କାର ସାମଗ୍ରୀ ଜବତ ହେଲାଣି । ସୂଚନା ଅନୁଯାୟୀ ରାଜ୍ୟରେ ପୌର ନିର୍ବାଚନ ଚାଲିଥିବାବେଳେ ଏହି ସମୟରେ ବେଆଇନ ନିଶା କାରବାରକୁ ପ୍ରତିହତପାଇଁ ଅବକାରୀ କମିଶନର ଆଶିଷ କୁମାର ସିଂହ କଡା ନିର୍ଦ୍ଦେଶ ଦେବାପରେ ବିଭାଗୀୟ ଅଧିକାରୀମାନେ ଚଢଉ ଜୋରଦାର କରିଛନ୍ତି । ଫଳରେ ଚଳିତ ମାର୍ଚ୍ଚ ମାସର ପ୍ରଥମ ୧୦ଦିନରେ ୧୦୬୫ ଟି ମାମଲା ରୁଜୁ ହେବା ସହିତ ୮୯୦ଜଣ ଗିରଫ ହୋଇଛନ୍ତି । ଏଥି ସହିତ ୩୪,୩୩୧ ଲିଟର କାରଖାନା ତିଆରି ଦେଶୀ ମଦ, ୨,୪୨,୦୦୫ କିଲୋ ମଦ ପ୍ରସ୍ତୁତ ସାମଗ୍ରୀ, ୯୨୭୩ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୧୫୯ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି । ଏଥି ସହିତ ୧୧୬୪ କିଲୋ ଗଞ୍ଜେଇ, ୩୧୨ ଗ୍ରାମ ବ୍ରାଉନସୁଗାର, ୬୩୦ ଲିଟର ବିୟର, ୨୯୧ ଲିଟର ବିଦେଶୀ ମଦ, ୧୩୬ଲିଟର ଜିଞ୍ଜର, ୫୭୭ ଲିଟର ଭାଟି ମଦ, ୫୪ଟି ଦୁଇ ଚକିଆ, ଚାରିଚକିଆ ସମେତ ବଡ ଟ୍ରକ ଆଦି ଜବତ ହୋଇଛି । ଏହି ସବୁ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୪.୫ କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି । ଅବକାରୀ ବିଭାଗର ଏହି ବଡ ଧରଣର ଅପରେସନ ସମୟରେ ୧୧ତାରିଖରେ ବ୍ରହ୍ମପୁର ଅବକାରୀ ଅଧିକାରୀମାନେ ୪୦୦ କିଲୋ ଗଞ୍ଜେଇ ଜବତ କରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା । ଏହାକୁ ପରିବହନ କରୁଥିବା ଗୋଟିଏ ଟ୍ରକ ଜବତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି । ରାୟଗଡା ଅବକାରୀ ବିଭାଗ ମଧ୍ୟ ୧୦୮ କିଲୋ ଗଞ୍ଜେଇ ଜବତ କରିଛି ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କାର ହେବ ଏବଂ ଏହି ଘଟଣାରେ ଗୋଟିଏ କାର୍ ସମେତ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି । ଚଳିତ ମାସ ୧୦ତାରିଖ ଦିନ କୋରାପୁଟ ଅବକାରୀ ବିଭାଗର ଅଧିକାରୀମାନେ ପଡବା ଥାନା ଅର୍ନ୍ତଗତ ସିନ୍ଧପୁଟ ଗାଁରୁ ୫୨୫ କିଲୋ ଗଞ୍ଜେଇ ଜବତ କରିଥିଲେ । ଏହି ଘଟଣାରେ ଜଣେ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସେହଭଳି ଉକ୍ତ ଦିନ କଳାହାଣ୍ଡି ଅବକାରୀ ବିଭାଗର ଅଧିକାରୀମାନେ ଜୟପାଟଣା ଅଞ୍ଚଳରୁ ୧୬୭ କିଲୋ ଗଞ୍ଜେଇ ସମେତ ୩ଜଣଙ୍କୁ ଗିରଫ କରିଛି । ବାଲେଶ୍ୱର ଅବକାରୀ ବିଭାଗ ସୋରରୁ ୧୩୫ ଲିଟର ଜିଞ୍ଜର ଜବତ କରିବା ସହିତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛନ୍ତି । ତେବେ ଏହି ସମୟରେ ବଡ ସଫଳତା ମିଳିଛି ଢେଙ୍କାନାଳ ଅବକାରୀ ବିଭାଗକୁ । ଅବକାରୀ କର୍ତ୍ତୃପକ୍ଷ ଗୋଟିଏ ଆନ୍ତଃରାଜ୍ୟ ମଦ କାରବାରକୁ ଠାବ କରିବା ସହିତ ଅରୁଣାଚଳ ପ୍ରଦେଶରୁ ଓଡିଶାକୁ ଗୋଟିଏ ୧୨ ଚକିଆ ଟ୍ରକରେ ଆସିଥିବା ୧୦୭୦ ପେଟି ବିଦେଶୀ ମଦ ଜବତ କରିଥିଲେ । ଏହି ମଦ ସବୁ ଅଭିନବ ଉପରେ ଗୋଟିଏ କଣ୍ଟେନର ଭିତରେ ଚାଲାଣ ହେଉଥିଲା । ତେବେ ବାଲେଶ୍ୱର ଅବକାରୀ ଅଧିକାରୀମାନେ ଏହି ସମୟରେ ୨୬୦ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି ଯାହାର ମୂଲ୍ୟ ପ୍ରାୟ ୨୬ଲକ୍ଷ ଟଙ୍କା ଆକଳନ କରାଯାଇଛି ।ଚଳିତ ଆର୍ଥିକ ବର୍ଷରେ ଫେବୃଆରୀ ଶେଷ ସୁଦ୍ଧା ଅବକାରୀ ବିଭାଗ ୩୫,୬୦୫ ମାମଲା ରୁଜୁ ସହିତ ରେକର୍ଡ ସଂଖ୍ୟକ ୨୯,୩୫୯ଜଣ ଗିରଫ ହୋଇଛନ୍ତି । ଏହି ୧୧ମାସ ମଧ୍ୟରେ ୧୧୮ କୋଟି ଟଙ୍କାରୁ ଅଧିକ ନିଶା ସାମଗ୍ରୀ ଓ ଯାନବାହାନ ଜବତ ହୋଇଛି । ଏଗାର ମାସରେ ପାଖାପାଖି ଲକ୍ଷେ ଲିଟର କାରଖାନା ତିଆରି ଦେଶୀ ମଦ, ଏକ କୋଟି କିଲୋରୁ ଅଧିକ ମହୁଲି ମଦ ପ୍ରସ୍ତୁତ ସାମଗ୍ରୀ, ୮୪୬୯ ଲିଟର ନକଲି ବିଦେଶୀ ମଦ, ୧୧ କିଲୋରୁ ଅଧିକ ବ୍ରାଉନସୁଗାର ସମେତ ପାଖାପାଖି ୨ହଜାର ଗାଡିମୋଟର ଜବତ ହୋଇଛି ।

## ଗୋଟିଏ ଦିନରେ ୧୦୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୧।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୪୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୨୮୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୦୧୪ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୦୪ ଜଣଙ୍କ ମଧ୍ୟରୁ ୬୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରୁ ସବୁଠାରୁ ଅଧିକ ୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରୁ ୨ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଜପତି ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨, କଳାହାଣ୍ଡି ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୭ଜଣ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

ପର୍ଯ୍ୟବେକ୍ଷକ PARYABEKHYAK










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମିତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ବାଲେଶ୍ୱର (ପିଏନ୍)-ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତ ଜନିତ ସମସ୍ୟାର ମୁକାବିଲା ପାଇଁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓସୱାନ ହଲରେ ଅନୁଷ୍ଠିତ ଏହି ଆଭାସୀ ବୈଠକରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୁଲାଳସେନ ଜଗଦେବ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ବିଡିଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇ ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ପାନୀୟ ଜଳ ସମସ୍ୟା, ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା, ବିଦ୍ୟୁତ୍ କାଟ ଜନିତ ସମସ୍ୟା, ପାନୀୟଜଳ ସେବା କେନ୍ଦ୍ର ଖୋଲିବା, ଗୃହପାଳିତ ପଶୁ ଓ ବନ୍ୟଜନ୍ତୁଙ୍କୁ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବା, ଅଙ୍ଗନବାଡି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ସୁପରିଚାଳନା, ଶ୍ରମିକମାନଙ୍କ କାର୍ଯ୍ୟ ଓ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ଇତ୍ୟାଦି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରୀଷ୍ମପ୍ରବାହରେ ଯେପରି ଜନସାଧାରଣ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଧ୍ୟାନ ଦେବାକୁ ଜିଲ୍ଲାପାଳ ଗ୍ରାମ୍ୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ, ରାଜସ୍ୱ ବିଭାଗ, ଜରୁରୀକାଳୀନ ବିଭାଗ, ବିଦ୍ୟୁତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍ ବ୍ୟତୀତ ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଆସନ୍ତା ମାର୍ଚ୍ଚ ୧୫ତାରିଖ ସୁଦ୍ଧା ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ,ପ୍ରତି ବ୍ଲକ, ତହସିଲ ଓ ଜିଲ୍ଲାର ବିଭିନ୍ନ ବିଭାଗ ଓ କ୍ଷେତ୍ର କର୍ମଚାରୀଙ୍କ କକ୍ଷରେ ୨୪ଘଂଟିଆ ଜରୁରୀ ନିୟନ୍ତ୍ରଣ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ନଳକୂପ ଓ ଷ୍ଟାଣ୍ଡପୋଷ୍ଟ ଯେପରି ଠିକ୍ ଭାବେ କାମ କରିବ ସେଥିପାଇଁ ପଦକ୍ଷେପ ନେବା ସହିତ ଏ ସମ୍ପର୍କିତ ରିପୋର୍ଟ ନିୟମିତ ପ୍ରଦାନ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ରୌଦ୍ରତାପ ଯୋଗୁଁ ଯାନବାହାନରେ ଯାତ୍ରା କରୁଥିବା ଯାତ୍ରୀମାନେ ଯେପରି ଅଂଶୁଘାତର ଶିକାର ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଆଂଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି । ବସଗୁଡିକରେ ପିଇବା ପାଣି ଏବଂ ଓଆରଏସ ପ୍ୟାକେଟ ରଖିବା ସହିତ ବିଭିନ୍ନ ବସଷ୍ଟାଣ୍ଡରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଆରଟିଓ ପଦକ୍ଷେପ ନେବେ । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଔଷଧ, ଓଆରଏସ,ବରଫ ଇତ୍ୟାଦି ମହଜୁଦ ରଖାଯିବ । ସେଠାରେ ଏସି ଏବଂ ଇନଭର୍ଟର ସୁବିଧା ମଧ୍ୟ ଉପଲବ୍ଧ କରାଇବାକୁ କୁହାଯାଇଛି । ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କୁ ଆଗୁଆ ଭାବେ ଓଆରଏସ ପ୍ୟାକେଟ ବିତରଣ କରାଯିବ । ଖରାଦିନେ ଜଳକ୍ଲିଷ୍ଟ ସ୍ଥାନଗୁଡିକରେ ବାଟୋଇ, ଯାତ୍ରୀ ତଥା ସାଧାରଣ ଜନତାଙ୍କ ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ କରିବାକୁ ଜିଲ୍ଲାପାଳ କହିଛନ୍ତି । ଅନାବଶ୍ୟକ ଭାବେ ବହୁ ପରିମାଣରେ ଏହା ନ ଖୋଲି ଆବଶ୍ୟକ ମୁତାବକ ଏହା ସ୍ଥାପନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ବ୍ଲକ ଓ ପଂଚାୟତରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନେଇ ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ବୈଠକ କରିବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା । ବିଜୁଳି ଯୋଗାଣ ଯେପରି ସ୍ୱାଭାବିକ ଭାବେ ଜାରି ରହିବ ତାହା ସୁନିଶ୍ଚିତ କରିବା ଏବଂ ଲୋ ଭୋଲଟେଜ ସମସ୍ୟାକୁ ହ୍ରାସ କରିବା ଦିଗରେ ପଦକ୍ଷେପ ନେବାକୁ ଟିପିଏନଓଡିଏଲ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କୁହାଯାଇଥିଲା । ଗାଈ, ଗୋରୁ ତଥା ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀମାନଙ୍କ ପାଇଁ ନଳକୂପଗୁଡିକ ନିକଟରେ ଜଳ ସଂରକ୍ଷଣ ବନ୍ଦୋବସ୍ତ କରିବାକୁ କୁହାଯାଇଛି । ସରକାରୀ ନିର୍ଦ୍ଦେଶ ପ୍ରକାରେ ସ୍କୁଲ, କଲେଜ ନିର୍ଦ୍ଧାରିତ ସମୟରେ ଖୋଲିବା, ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ପାଣି ବୋତଲ ଆଣିବାକୁ ସଚେତନ କରାଇବାକୁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଗ୍ରୀଷ୍ମର ପ୍ରକୋପ ସର୍ବାଧିକ ରହୁଥିବାରୁ ଏହି ସମୟରେ ଶ୍ରମିକମାନଙ୍କୁ ନିର୍ମାଣ କାର୍ଯ୍ୟ ପାଇଁ ବାରଣ କରାଯିବ । ଏଥି ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ପଦକ୍ଷେପ ନେବେ । ଏଥି ସହିତ କାର୍ଯ୍ୟସ୍ଥଳୀରେ ପାନୀୟ ଜଳର ସୁବିଧା, ବିଶ୍ରାମସ୍ଥଳୀ ଓ ଫ୍ୟାନର ବ୍ୟବସ୍ଥା କରିବାକୁ କୁହାଯାଇଛି । ଅଂଶୁଘାତ ମୃତ୍ୟୁ ଘଟଣାର ତଦନ୍ତ ଯୁଗ୍ମ ଭାବେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା କରାଯାଇ ତାହାର ଅନୁସନ୍ଧାନ ରିପୋର୍ଟ ଜିଲ୍ଲାପାଳଙ୍କୁ ୨୪ ଘଂଟା ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଂଶୁଘାତରୁ ରକ୍ଷାପାଇଁ କ'ଣ କରିବା ଏବଂ ନ କରିବା ଉଚିତ ସେ ସମ୍ପର୍କରେ ପୋଷ୍ଟର ଓ ସ୍ୱାସ୍ଥ୍ୟ କାନ୍ଥ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି । ଅଗ୍ନିଶମ ବିଭାଗକୁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଆବଶ୍ୟକସ୍ଥଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଛି । ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ, ଓସଡାମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ, ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

# ଓଡ଼ିଶାରେ କେତେ ସଫଳ ଜଳସେଚନ ବ୍ୟବସ୍ଥା ?



ଓଡ଼ିଶାର ଲୋକଙ୍କୁ ଜଣାନାହିଁ ଯେ, କେନ୍ଦ୍ରୀୟ ଅବହେଳା ସବୁବେଳେ ଓଡ଼ିଶା ପ୍ରଗତିରେ ବାଧକ ସାଜୁଛି । ଅନ୍ୟପକ୍ଷରେ ଓଡ଼ିଶାରେ କେନ୍ଦ୍ରୀୟ ଯୋଜନା ଅର୍ଥ ପ୍ରାୟତଃ ବାଟମାରଣା ହେଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୦୫ରେ ରାଷ୍ଟ୍ରୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ ହେବା ପରଠାରୁ ରାଜ୍ୟରେ ଧୀରେଧୀରେ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଛି । ସର୍ବଶିକ୍ଷା ଯୋଜନାରେ ସ୍କୁଲ ଘରଗୁଡ଼ିକ କୋଠାରେ ପରିଣତ ହୋଇଛି । ପ୍ରାଥମିକ ଶିକ୍ଷା ବାବଦ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଛନ୍ତି । ମହିଳା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଭାରତ ଏପରିକି ପୃଥିବୀର ସବୁଠୁ ବଡ଼ ଯୋଜନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଅଙ୍ଗନବାଡ଼ି ସେବା) କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୭୨ରୁ ଚାଲି ଆସୁଛି । ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତ୍ୟେକ ଗାଁ ରାସ୍ତା ପକ୍କା ସଡ଼କରେ ପରିଣତ ହୋଇଛି । ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଦ୍ୱାରା ସାଧାରଣ ଗରିବ, ଶ୍ରମିକମାନେ କିଛି ମାତ୍ରାରେ ଉପକୃତ ହେଉଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟ ସରକାରଙ୍କ ୧ଟଙ୍କିଆ ଚାଉଳ ଯୋଜନା ଯଦିଓ କିଛି ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି, ତଥାପି ଏହି ଯୋଜନା ସବୁ ଅନାହାର ପିଡ଼ିତଙ୍କ ପାଖରେ ପହଂଚି ପାରିନାହିଁ । ଯେଉଁ ଗରିବର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକର ସଫଳତା ମିଳିବା କଥା, ତାହା ସଫଳ ହୋଇନାହିଁ । ଅନ୍ୟ କେତେକ ରାଜ୍ୟ ଭଳି ଆମ ରାଜ୍ୟରେ ଯଦିଓ ସବୁ ଯୋଜନା ଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ ହୋଇଥାଆନ୍ତା, ତେବେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହୋଇସାରନ୍ତାଣି ।

ବାସ୍ତବତା ଦେଖାଗଲେ, ରାଜ୍ୟ ସରକାରଙ୍କ ଅଧିକାଂଶ ଯୋଜନା ଫେଲ୍ ମାରିଛି । କେତେକର ଲକ୍ଷ୍ୟ ସାଧନ ହୋଇନାହିଁ । ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବା ଭଳି ଶାସନ ଦେଖିବାକୁ ମିଳିନାହିଁ । କେବଳ ମନୋମୁଖୀ ପ୍ରଚାର ଓ ନୂଆ ନୂଆ ଯୋଜନା ଘୋଷଣାରେ ସୀମିତ ରହିଯାଇଛି ରାଜ୍ୟର ଉନ୍ନତି । କ'ଣ କ'ଣ ସମସ୍ୟା ରହିଛି ଓ ଏଠାରେ କେଉଁ ଯୋଜନା ଚାଲିପାରିବ, ତାହା ପରୀକ୍ଷା କରାଯାଉନାହିଁ । କେବଳ ଖର୍ଚ୍ଚ ହେଉଛି । ଟଙ୍କିଆ ଚାଉଳ ଦେବା ଦ୍ୱାରା ଗରିବୀ କମିଛି କି? ଅପପୁଷ୍ଟି କମିଛି କି? ଶିଶୁ ଓ ମାତୃ ମୃତ୍ୟୁହାର କମିଛି କି? ବରଂ ଭାରତରେ ଗରିବୀରେ ଓଡ଼ିଶା ବହୁ ତଳେ ରହି ଥିବା ବେଳେ ପୁରୁଷ ଅପପୁଷ୍ଟିରେ ୧ମ, ଶିଶୁ ଅପପୁଷ୍ଟିରେ ଦ୍ୱିତୀୟ, ଶିଶୁ ମୃତ୍ୟୁହାରରେ ଦ୍ୱିତୀୟ, ମାତୃ ମୃତ୍ୟୁହାରରେ ୩ୟ, ମ୍ୟାଲେରିଆରେ ୨ୟ ଓ ମାରାତ୍ମକ ସଂକ୍ରାମକ ରୋଗରେ ୧ମ ସ୍ଥାନରେ ରହିଛି । ଆଉ କରଦାତାଙ୍କ ପଇସା ବରବାଦ୍ ହେଉଛି । କ୍ରମେ ସେମାନଙ୍କ ଅବସ୍ଥା ଦୟନୀୟ ହୋଇ ଚାଲିଛି । ଆହାର ଯୋଜନାରେ ପ୍ରକୃତରେ କିଏ ଖାଉଛି ଖାଦ୍ୟ? ଯାହା ପାଇଁ ଖାଦ୍ୟର ଆବଶ୍ୟକତା ରହିଛି ବା ଯିଏ ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରରେ ଛଟପଟ ହେଉଛି ବା ମରୁଛି, ତା' ପାଖରେ ଆହାର ଯୋଜନା ପହଂଚୁଛି କି? ଔଷଧ ରେଖା ତଳେ ଥିବା ଲୋକଙ୍କ ପାଖରେ ନିରାମୟ ଯୋଜନା ପହଂଚୁଛି କି? ଏମିତି ଅନେକ ଯୋଜନାର ଲମ୍ବା ତାଲିକା ରହିଛି, ଯାହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚୁନାହିଁ । ରାଜ୍ୟର ଚାଷୀମାନେ କଠିନ ପରିଶ୍ରମ କରି ଉତ୍ପାଦନ ବଢ଼ାଉଥିଲେ ମଧ୍ୟ ସେମାନଙ୍କର ଉନ୍ନତି ନାହିଁ, ବଢ଼ୁନାହିଁ ଆୟ । ଚର୍ଚ୍ଚା ହେଉଛି କି? ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ।

ରାଜ୍ୟରେ ଜଳସେଚନର ଅବସ୍ଥା ବହୁ ଖରାପ ରହିଛି । ଗତ ୧୦ବର୍ଷ ମଧ୍ୟରେ ଜଳସେଚନ ବ୍ୟବସ୍ଥାରେ ଆଶାଜନକ ବୃଦ୍ଧି ହୋଇନାହିଁ । ରାଜ୍ୟରେ ଫସଲ ହେଉଥିବା ମୋଟ ୮୭.୪୬ ଲକ୍ଷ ହେକ୍ଟର ଜମିରୁ ମାତ୍ର ୧୮.୭୯ ଲକ୍ଷ ହେକ୍ଟର ଜଳ ସେଚିତ ହୋଇ ପାରିଛି । ଅନ୍ୟପକ୍ଷରେ ଚାଷ ଉପଯୋଗୀ ୬୧.୮୦ ଲକ୍ଷ ହେକ୍ଟରର ଜମି ମଧ୍ୟରୁ ୨୯.୧୪ ଲକ୍ଷ ହେକ୍ଟରର ଉଚ୍ଚ ଜମି, ୧୭.୫୫ ଲକ୍ଷ ହେକ୍ଟରର ମଧ୍ୟମ ଜମି ଓ ୧୫.୧୧ ଲକ୍ଷ ହେକ୍ଟରର ନୀଚ ଜମି ରହିଛି । ପ୍ରାୟତଃ ଏହି ଜମିରେ ଆଶାଜନକ ଫସଲ ସମ୍ଭବ ନୁହେଁ । ତଥାପି ଏହିସବୁ ଜମିରେ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଜଳସଂପଦ ବିଭାଗର ବେପରୱା କାର୍ଯ୍ୟ ଯୋଗୁ ଆମ ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଆଗକୁ ବଢି ପାରୁନାହିଁ । ଏହି ବିଭାଗରେ ବ୍ୟାପକ ଦୁର୍ନୀତି, ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଜଳସେଚନ ବ୍ୟବସ୍ଥା ମନ୍ଥର ଗତିରେ ଚାଲିଥିବା କୁହାଯାଉଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ କେତେକ ଅଧିକାରୀ ବିଭାଗକୁ ସୁନା ଅଣ୍ଡା ଦିଆ କୁକୁଡ଼ା ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ସେହିପରି ବିଭିନ୍ନ ଡ଼ିଭିଜନ୍‌ରେ ମନୋମୁଖୀ କାର୍ଯ୍ୟ ଚାଲିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ମୁଖ୍ୟତଃ ରାଜ୍ୟର କେନ୍ଦ୍ରୀୟ ମଣ୍ଡଳ ଅନ୍ତର୍ଗତ ଜଳସେଚନ ଡ଼ିଭିଜନ୍ ପ୍ରାଚୀ, ପୁରୀ ଓ ନୟାଗଡ଼, ପୂର୍ବାଂଚଳ ମଣ୍ଡଳ ଅନ୍ତର୍ଗତ କେନ୍ଦ୍ରାପଡ଼ା, ଯାଜପୁର ଓ ଜାରକା, ଦକ୍ଷିଣାଂଚଳ ମଣ୍ଡଳ ଅନ୍ତର୍ଗତ ଭଞ୍ଜନଗର, ଚିକିଟି, ଦକ୍ଷିଣାଂଚଳ ମଣ୍ଡଳ-୨ ଅନ୍ତର୍ଗତ ପାରଳାଖେମୁଣ୍ଡି, ବାରିପଦା ମଣ୍ଡଳ ଅନ୍ତର୍ଗତ ବାଲେଶ୍ୱର ଓ ବଲାଙ୍ଗୀର ମଣ୍ଡଳ ଅନ୍ତର୍ଗତ ବଲାଙ୍ଗୀର ଡ଼ିଭିଜନ୍‌ରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି । ସଂପୃକ୍ତ ଅଂଚଳରେ ଜଳସେଚନ ବ୍ୟବସ୍ଥା ପଙ୍ଗୁ ପାଲଟିଛି । ସେହିପରି କେତେକ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଲାଗି ରହିଛି । ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟବାସୀଙ୍କ ସ୍ୱାର୍ଥ ସାଧନ କରିପାରୁନାହିଁ । ଏ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି । ରାଜ୍ୟବାସୀଙ୍କୁ ଜଳସେଚନର ଉପଯୁକ୍ତ ସେବା ମିଳିଲେ, ଅଧିକ ଫସଲ ଅମଳ ହୁଅନ୍ତା, ଚାଷୀ ଆର୍ଥିକ ସଶକ୍ତ ହୁଅନ୍ତେ ଓ ଚାଷୀ ଆତ୍ମହତ୍ୟା ହ୍ରାସ ପାଇପାରନ୍ତା । ଏହାଦ୍ୱାରା ମଧ୍ୟ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ବ୍ୟାପକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା ।

ଇତିମଧ୍ୟରେ ଜଳସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣସ୍ୱରୂପ ସାରା ରାଜ୍ୟରେ ଜଳସେଚନ କାର୍ଯ୍ୟର ତ୍ୱରାନ୍ୱିତ କରାଇବା ସହ ନିର୍ମାଣଜନିତ ବହୁ ସମସ୍ୟାର ସମାଧାନ କରାଇବାରେ ଲାଗିଛନ୍ତି । ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଚିଠା ଓ ବ୍ୟବସ୍ଥିତ ଢଙ୍ଗ ଓ ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞମାନେ ମତ ଦେଉଛନ୍ତି । ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ଜଳସେଚନ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି ।

କେତେଦିନ ପର୍ଯ୍ୟନ୍ତ ଆମର ଭାଗ୍ୟ ଆକାଶରେ ଘନଘୋର ଅନ୍ଧାର ଦେଖା-ଦେଉଥିବ ? କେତେଦିନ ପର୍ଯ୍ୟନ୍ତ ଓଡ଼ିଶାବାସୀ ପରିଚିତ ହୋଇ ରହିବେ ଭିକମଗା ଜାତି ହୋଇ ? ତେଲେଙ୍ଗାନା ଗୋଟିଏ ନୂଆ ରାଜ୍ୟ ହୋଇ ମଧ୍ୟ ଦ୍ରୁତ ବିକାଶ ପଥରେ ଆଗେଇ ଚାଲିଛି । ଦୁର୍ଭାଗ୍ୟର କଥା ଯେ, ଆମ ପାଖରେ ଗୁଗୁଲ୍ ମ୍ୟାପ୍ ତଥା ଅତ୍ୟାଧୁନିକ ଜ୍ଞାନ କୌଶଳର ବ୍ୟାପକ ସୁବିଧା ଥାଇ ମଧ୍ୟ ଏହି ୧୬-୧୭ ବର୍ଷ ଭିତରେ ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ୧୩ଟି ବ୍ୟାରେଜ୍ ଓ ୭ଟି ଡ୍ୟାମ୍ ତିଆରି ହୋଇଥିଲେ ହେଁ ଆମେ ଜାଣିପାରିଲୁ ନାହିଁ । ଏଥିପାଇଁ ଆମ ରାଜ୍ୟ ସରକାର ଦାୟୀ ନୁହନ୍ତି କି ? ଏହି ୨୦ ବର୍ଷର ଶାସନ ଭିତରେ ଓଡ଼ିଶାର ଉନ୍ନତି ପାଇଁ କିଛି ଉଦ୍ୟମ ହୋଇଛି କି ? ବରଂ ରାଜ୍ୟ ଶାସନ ଏକ ଅନ୍ଧକାର ଗଳି ଦେଇ ଗତି କରୁଥିବା ମନେହେଉଛି । ରାଜ୍ୟ ବିକାଶରେ କେଉଁଠି ପ୍ରତିବନ୍ଧକ ରହିଛି, ସେଗୁଡ଼ିକ ଖୋଜା ଯାଉନାହିଁ । କାହା ପାଇଁ କେଉଁ ଯୋଜନା ଦରକାର ଏବଂ ସେହି ଯୋଜନା କିପରି ଶହେ ଭାଗ ସଫଳ ହେବ, ସେଥିପ୍ରତି ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ-୯୩୩୭୩୬୯୪୪୮*

# ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଫୁଲନଖରା (ପିଏନ୍)-ସିଏମସି ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ରାମନଗର ଗ୍ରାମରେ ଥିବା ନୟାହାଟ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷିକା ସୁବାଳା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାଧନ କେନ୍ଦ୍ର ପୂର୍ବତନ ସଂଯୋଜିକା କଲ୍ୟାଣୀ ନାୟକ, ଶିକ୍ଷାବିତ ଡଃ. ଶରତକୁମାର ରଥ, ସିଆରସିସି ସୟଦ କାଶିଫୁଲ ଇସଲାମ, ଆପେକ୍ସ କଲେଜ ଅଧକ୍ଷ ଇଂ.ସନ୍ନ୍ୟାସୀ ପଣ୍ଡା, ସଦର ଅତିରିକ୍ତ ଶିକ୍ଷାଧିକାରୀ କନକଲତା ମହାପାତ୍ର, କଣ୍ଟାପଡ଼ା ଏବିଓ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରୀମତୀ ସାହୁଙ୍କ ସହ ପୁଷ୍ପଲତା ରାଉତ, ରଙ୍ଗଲତା ବେହେରା ଓ ନୁଖୁରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସଂଜୁବାଳା ମିଶ୍ରଙ୍କଦ୍ୱାରା ଲିଖିତ ପୁସ୍ତକ 'ଜାତୀୟ ସମ୍ପଦ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅନ୍ନପୂର୍ଣ୍ଣା ସାହୁ, କବିତା ମହାପାତ୍ର, କବିତା ନନ୍ଦ ଓ ରଶ୍ମିତା ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସମେତ ରାମନଗର ଓ ନୂଆପାଟଣା ଗ୍ରାମର ଅଭିଭାବକମାନେ ଉପସ୍ଥିତ ଥିଲେ । ଅକ୍ଷୟ ତରାଇ ଧନ୍ୟବାଦ ଦେଇଥିଲେ ।

# ରାଜନୈତିକ ଆକ୍ରୋଶ ରଖି ପରିବାର ମୁଖ୍ୟଙ୍କୁ ମରଣାନ୍ତକ ଆକ୍ରମଣ

ଚଣ୍ଡିଖୋଲ (ପିଏନ) -ରାଜନୈତିକ ଆକ୍ରୋଶ ରଖି ବଡ଼ଚଣା ଥାନା ପଟୁଣିଆ ପଂଚାୟତ ବଡନଛିପୁର ଗ୍ରାମର ଏକ ପରିବାର ଉପରେ ମରଣାନ୍ତକ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହେଇଅଛି. ଆକ୍ରମଣରେ ଜଣେ ଗୁରୁତର ହେଇଥିବା ବେଳେ ବଡ଼ଚଣା ପୋଲିସ ଅଭିଯୋଗ ଆଧାରରେ କେଶ ନ ୮୩/୨୨ ରେଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି.ଘଟଣାରୁ ପ୍ରକାଶ ଯେ ମଙ୍ଗଳବାର ଅପରାହ୍ନ ୧୨ ଘଟିକା ସମୟରେ ସେହି ଗ୍ରାମର ଭାବଗ୍ରାହୀ ନାୟକ ଓ ତାଙ୍କ ସାନଭାଇ ରାଜୀବ ନାୟକ ଏକ କଳା ପଲସରରେ ଆସି ଅଶୋକ କୁମାର ସାମନ୍ତରାୟ ନାମକ ବ୍ୟକ୍ତିଙ୍କୁ ଗାଳିଗୁଲଜ କରିବାସହ ନିର୍ଦ୍ଦିଷ୍ଟ ଏକ ଦଳକୁ କାହିଁକି ଭୋଟ ଦେଲନାହିଁ ବୋଲି କହିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ସେହି ସମୟରେ ଅଶୋକଙ୍କ ସାନଭାଇ ଆଲୋକ କୁମାର ସାମନ୍ତରାୟ ଏହାର ପ୍ରତିବାଦ କରିବାରୁ ଏକ ଲୁହାରଡ଼ ସାହାଯ୍ୟରେ ଭାବଗ୍ରାହୀ ଆଲୋକଙ୍କ ମୁଣ୍ଡକୁ ପ୍ରହାର କରିଥିଲା । ଏଥିରେ କ୍ଷତାକ୍ତ ହେଇ ଆଲୋକ ତଳେ ପଡିଯିବା ସମୟରେ ରାଜୀବ ନାୟକ ଏକ ଭୁଜାଲି ସାହାଯ୍ୟରେ ଆଲୋକଙ୍କୁ ଆକ୍ରମଣ କରିଥିଲେ ଓ ଏହାର ପ୍ରତିବାଦ କରିବାରୁ ଆଲୋକଙ୍କ ସ୍ତ୍ରୀଙ୍କୁ ମଧ ଚୁଟିଧରି ଘୋଷାଡ଼ି ମାଡମାରିଥିବାର ଆଲୋକଙ୍କ ସ୍ତ୍ରୀ ସସ୍ମିତା ମହାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି । ପରେ ଅନ୍ୟ ବାସୁଦେବ ନାୟକ, କେଶବ ନାୟକ, ନୃସିଂହ ନାୟକ ଓ ମାଧବ ନାୟକ ଘଟଣାସ୍ଥଳରେ ପହଂଚି ପୁନର୍ବାର ଅଶୋକଙ୍କ ପରିବାରର ମହିଳାଙ୍କୁ ଗାଳିଗୁଲଜ କରିଥିଲେ । ଅଶୋକ ଆକ୍ରମଣରେ କ୍ଷତାକ୍ତ ହେଇଥିବା ନିଜ ସାନଭାଇ ଆଲୋକକୁ ବଡ଼ଚଣା ଥାନାକୁ ନେଇଯାଇଥିଲେ ଓ ସେଠାରେ ପୋଲିସର ନିର୍ଦ୍ଦେଶକ୍ରମେ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲୋକକୁ ଭର୍ତି କରାଇଥିଲେ । ଅବସ୍ଥା ଗୁରୁତର ଥିବାରୁ କାର୍ଯ୍ୟରତ ଡାକ୍ତର ଆଲୋକଙ୍କୁ କଟକ ବଡମେଡିକାଲ ପଠାଇ ଦେଇଥିଲେ । ଘଟଣାକୁ ତିନିଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଖାଲି କେଶ୍‌ଟିଏ କରି ବସିଯାଇଥିବା ନେଇ ଅଭିଯୋଗକାରିଣୀ ସସ୍ମିତା କହିବା ସହ ଆକ୍ରମଣକାରୀମାନେ ନିର୍ଭୟରେ ଗ୍ରାମରେ ବୁଲୁଛନ୍ତି ବୋଲି ପ୍ରକାଶ କରିଥିଲେ । ଯଥାଶୀଘ୍ର ଆକ୍ରମଣକାରୀଙ୍କୁ ଯଦି ଗିରଫ ନ କରାଯାଏ, ତେବେ ସସ୍ମିତା ଓ ଅଶୋକଙ୍କ ପରିବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି ଅଶୋକ ସାମନ୍ତରାୟ, ଆଲୋକ ସାମନ୍ତରାୟ, ସସ୍ମିତା ମହାନ୍ତି, ରେଣୁକା ରାଉତ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ପ୍ରକାଶ କରିଛନ୍ତି ।

# ଆଦର୍ଶ ଶିକ୍ଷକ ପ୍ରଦିପ ପରିଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ।ନ୍ତର୍ଗତ ସାନମାଣିତିଆ ପଞ୍ଚାୟତର ଜରିଆବାଡସ୍ଥିତ ବଜ୍ରମହାକାଳୀ ପଞ୍ଚାୟତ ହାଇସ୍କୁଲର ଆଦର୍ଶ ଶିକ୍ଷକ ପ୍ରଦିପ କୁମାର ପରିଡାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁବାଷ ଚନ୍ଦ୍ର ବିଶ୍ୱାଳ ଉଦଘାଟକ, ଓଡିଶା ମାଧ୍ୟମିକ ଶିକ୍ଷକ ସଙ୍ଘ(ଓଷ୍ଟା) ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା, ଓଷ୍ଟାର ଅନ୍ୟତମ ରାଜ୍ୟ ସମ୍ପାଦକ ମଧୁସୁଦନ ଦେ, ଜିଲ୍ଲା ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂ, ଉପଦେଷ୍ଟା ତ୍ରୈଲୋକ୍ୟ ପ୍ରସାଦ ସ୍ୱାଇଁ, ମହାକାଳପଡା ବିକାଶ ମଞ୍ଚ ସଭାପତି ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କାଶୀନାଥ ରାଉତରାୟ, ଇନ୍ଦୁପୁର ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ରାଉତ, ତ୍ରିଲୋଚନ ଜେନା, ଯୁଟିଆ ସଙ୍ଘ ଜିଲ୍ଲା ସମ୍ପାଦକ ହେମନ୍ତ କୁମାର ଜେନା, ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ କେଶବ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ପରିଡା ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ ଆଦର୍ଶ ଶିକ୍ଷକ ରୂପେ ଇଂରାଜୀ ଓ ସାହିତ୍ୟ ଶିକ୍ଷା ଦାନ କରି ହଜାର ହଜାର ଛାତ୍ରଛାତ୍ରୀମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ନେତା ପ୍ରଣବ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ଶିକ୍ଷକ ବିଜୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ସମ୍ପାଦକ ଓ ଓଷ୍ଟା ନେତୃମଣ୍ଡଳୀ ଅରବିନ୍ଦ ନାୟକ, ରମେଶ ଚନ୍ଦ୍ର ସାହୁ, ପର୍ଶୁରାମ ସ୍ୱାଇଁ, ଅଲେଖ ଚନ୍ଦ୍ର ମହାନ୍ତି, ନାରାୟଣ ପଣ୍ଡା, ନିତ୍ୟାନନ୍ଦ ପାଣି, ଚିତ୍ତରଞ୍ଜନ କବି, ଜିଲ୍ଲା ଶିକ୍ଷା ବିଭାଗର ବରିଷ୍ଠ କର୍ମଚାରୀ , ଛାତ୍ରଛାତ୍ରୀ, ପ୍ରାକ୍ତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକାମାନେ ଶିକ୍ଷକ ଶ୍ରୀ ପରିଡାଙ୍କ ଗୁଣଗାନ କରିଥିଲେ । ସୌମେନ୍ଦ୍ର କୁମାର ପରିଡା, ବବିତା ରାଉତ, ପରୀକ୍ଷିତ ସାମଲ,ଶ୍ରୀଚରଣ ବାରିକ, କୁଳମଣୀ ମଲିକ, ସୌଭାଗିନୀ ରଥ, ସୁଶିଲ କୁମାର ସେନ, ରମାକାନ୍ତ ସାହୁ, ସଦାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



# ବ୍ରାହ୍ମଣଝରିଲୋ କଲେଜରେ ସ୍ୱାଗତୋତ୍ସବ




ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ସ୍ୱାଗତ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷ ପ୍ରବୁଦ୍ଧକୁମାର ଷଡ଼ଙ୍ଗୀ ସଭାପତିତ୍ୱ କରି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଭାଗୀୟ ମୁଖ୍ୟ ମନୋରଂଜନ ମହାନ୍ତି, ଡଃ. ସୁଧାଂଶୁଚନ୍ଦ୍ର ଜେନା, ଅଧାପକ ପ୍ରତୀକ ବିଶ୍ୱାଳ, ସେମିନାର ସେକ୍ରେଟାରୀ କରିନା ହୋତା, ସମାଜସେବୀ ପ୍ରତାପକେଶରୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହି ପଦାର୍ଥ ବିଜ୍ଞାନର ଉତ୍କର୍ଷତାକୁ ପ୍ରତିପାଦନ କରିବା ଦିଗରେ ନିରନ୍ତର ଅଧୟନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ ନୂତନ ବିଦ୍ୟାର୍ଥୀଙ୍କୁ ବରିଷ୍ଠ ଛାତ୍ରଛାତ୍ରୀମାନେ ପୁଷ୍ପ, ଦୀପ ଓ ଚନ୍ଦନ ଦେଇ ସ୍ୱାଗତ ଜଣାଇଥିଲେ । ହିତାଂଶୁଶେଖର ଦାସ, ଉପେନ୍ଦ୍ରନାଥ ବିଶ୍ୱାଳ ଓ ଗୁଲାମ ମୁସ୍ତାଫା ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ରାକେଶକୁମାର ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଆଇନ ଛାତ୍ର ମଧୁବାବୁଙ୍କ ସ୍ୱପ୍ନକୁ ସାକାର କରନ୍ତୁ !




ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଆଇନ୍ କଲେଜର ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଲ'ରେ ନୂତନ ଭାବେ ନାମ ଲେଖାଇଥିବା ପ୍ରଥମ ବାର୍ଷିକ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହଙ୍କ ଅଧକ୍ଷତାରେ ତଥା ଅଧକ୍ଷ ଡ଼ ସୁଜିତ୍ କୁମାର ବିଷୋୟୀଙ୍କ ସଂଯୋଜନାରେ ଅତିଥି ଭାବେ ଯୋଗଦେଇ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାଧାପକ ଡ଼. ଶରତ କୁମାର ଦୋରା ଛାତ୍ରଛାତ୍ରୀମାନଙ୍କ ମଧରେ ଶିକ୍ଷା ଗ୍ରହଣରେ ମନନଶୀଳତା, କଠୋର ପରିଶ୍ରମ, ଭ୍ରାତୃଭାବ ଓ ସଂହତି ସର୍ବୋପରି ଭାଷା ଭିତ୍ତିରେ ରାଜ୍ୟ ଗଠନ କରିଥିବା ଭୀଷ୍ମ ପିତାମହ ମଧୁବାବୁଙ୍କ ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ । ଏହି ପାଠ୍ୟକ୍ରମରେ ନାମ ଲେଖାଇଥିବା ବିଭିନ୍ନ ଜିଲାରୁ ତଥା ପଞ୍ଜାବ, ଝାଡ଼ଖଣ୍ଡରୁ ଆସିଥିବା ଛାତ୍ରଛାତ୍ରୀମାନେ ପରସ୍ପର ମଧରେ ଭ୍ରାତୃଭାବ ରଖି ନିଷ୍ଠା ସହକାରେ ଅଧୟନ ତଥା ଅଧିକରୁ ଅଧିକ ପ୍ରଶ୍ନ ପଚାରି ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧରେ ଅଧାପକ ଡ଼. ଗିରିଶରଂଜନ ସାହୁ, ଅଧାପକ ରମେଶ ଚନ୍ଦ୍ର ବେହେରା, ଅଧାପକ ସନ୍ତୋଷ କୁମାର ବେହେରା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧରୁ ସୌମ୍ୟା ଚୌଧୁରୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିବା ବେଳେ ସୋହେନୁରା ଖାତୁନ୍, ନନ୍ଦିନୀ ପ୍ରଧାନ, ଅସିତ୍ ପ୍ରିୟଦର୍ଶିନୀ, ମୁସକାନ୍ କୌର, ସୂର୍ଯ୍ୟମଣି ସାହୁ, ସୁହାନୀ ଶୁଭଦର୍ଶିନୀ, ଫ୍ରାଙ୍କ୍‌ଲିନ୍ ଦାନୀ, ଉମେୟା ରୁକାୟା, ଅଜିତ କୁମାର ନାୟକ ଓ ମୋନାଲି ସାହୁ ନିଜ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ସନ୍ଦୀପ ମାନସିଂହ, ତାରାପ୍ରସାଦ ବଡ଼ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଗ୍ଲୁକୋମା : ଆଖିର ନୀରବ ଶତ୍ରୁ

ପ୍ରତିବର୍ଷ ମାର୍ଚ୍ଚ ୧୨ରେ ପାଳନ କରାଯାଉଛି ବିଶ୍ୱ ଗ୍ଲୁକୋମା ଦିବସ। ଗ୍ଲୁକୋମା ଏକ ମାରାତ୍ମକ ଚକ୍ଷୁ ରୋଗ। ଏହାକୁ ଆଖିର ନିରବ ଶତ୍ରୁ କୁହାଯାଇପାରେ। କୌଣସି ଲକ୍ଷଣ ଜଣାପଡ଼େନାହିଁ। ଗ୍ଲୁକୋମା ବା କଳା ମୋତିଆ ବିନ୍ଦୁ ଚକ୍ଷୁର ଏକ ମାରାତ୍ମକ ରୋଗ ଏବଂ ଏହା ଦୃଷ୍ଟିର ଅପୂରଣୀୟ କ୍ଷତିର କାରଣ ହୋଇପାରେ। ଚକ୍ଷୁର ବର୍ଦ୍ଧିତ ଆଇଓପି (ଅଭ୍ୟନ୍ତରୀଣ ଚାପ ବଢ଼ିବା) ଏହି ରୋଗର ମୁଖ୍ୟ କାରଣ। ଗତ ୨୦୨୧ ଅଗଷ୍ଟ ୮ ତାରିଖ ସୁଦ୍ଧା ସର୍ଭେ ଅନୁସାରେ ଭାରତରେ ୧କୋଟି ୭୪ଲକ୍ଷ ଗ୍ଲୁକୋମା ରୋଗୀ ଚିହ୍ନଟ ହୋଇଥିଲେ। ଏହା ପୃଥିବୀର ଏକ ପଞ୍ଚମାଂଶ ଏବଂ ପ୍ରତିବର୍ଷ ଭାରତରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏହି ରୋଗର ଶିକାର ହେଉଛନ୍ତି। ଗ୍ଲୁକୋମାର ପ୍ରାଥମିକ ଲକ୍ଷଣ କିଛି ଜଣାପଡ଼େନାହିଁ। ଜଣାପଡ଼ିବା ବେଳକୁ ଚକ୍ଷୁର ସ୍ନାୟୁକୋଷ ବହୁ ପରିମାଣରେ ନଷ୍ଟ ହୋଇଯାଇଥାଏ ଏବଂ ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇବାର ଆଶଙ୍କା ଥାଏ। ଏହାକୁ ଉପଯୁକ୍ତ ସମୟରେ ଚିକିତ୍ସା କଲେ ଦୃଷ୍ଟି ଶକ୍ତି ନଷ୍ଟ ହୁଏନାହିଁ। ଏହା ସାଧାରଣତଃ ୪୦ ବର୍ଷ ବୟସ ପରେ ହୋଇଥାଏ। ଅଧିକ ଷ୍ଟିରଏଡ୍ ବ୍ୟବହାର କିମ୍ବା ପରିବାରରେ କାହାକୁ ଗ୍ଲୁକୋମା ହୋଇଥିଲେ କିମ୍ବା ଉଚ୍ଚ ରକ୍ତଚାପ ବା ମଧୁମେହ ଥିଲେ କିମ୍ବା ଆଖିକୁ କେବେ ଆଘାତ ଲାଗିଥିଲେ ଏହି ରୋଗ ହେବାର ସମ୍ଭାବନା ଥାଏ। ଯଦି କାହାର ଉପରୋକ୍ତ ଲକ୍ଷଣ ଥାଏ ତେବେ ସଙ୍ଗେ ସଙ୍ଗେ ନିକଟସ୍ଥ ଚକ୍ଷୁ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଆକ୍ରାନ୍ତ ବ୍ୟକ୍ତି ଜାଣି ନ ପାରିଲେ, ସଂପୂର୍ଣ୍ଣ ଭାବେ ଦୃଷ୍ଟି ଶକ୍ତି ହରାଏ। ଏହି ରୋଗ ଜଣାଇ, ଆସେନାହିଁ। ତେଣୁ ସଚେତନତା ହିଁ ରକ୍ଷାକରେ। ନିୟମିତ ଚକ୍ଷୁ ପରୀକ୍ଷା କରୁଥିଲେ ରୋଗ ଧରାପଡ଼େ। ଆଇ ଡ୍ରପ୍ ଦ୍ୱାରା ରୋଗ ନିୟନ୍ତ୍ରଣରେ ରଖାଯାଏ। ତେବେ ଏହା ଦ୍ୱାରା ଚାଲିଯାଇଥିବା ଦୃଷ୍ଟି ଶକ୍ତି ଫେରେନାହିଁ। ଏହା ଆଖିରେ ଚାପ ଜନିତ ବ୍ୟାଧି ହୋଇଥିବାରୁ ଚାପକୁ ନିୟନ୍ତ୍ରିତ କରିବା ଲାଗି ଔଷଧ ବ୍ୟବହାର କରାଯାଏ। ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ଏହା ଅନ୍ଧତ୍ୱର ଦ୍ୱିତୀୟ ମୁଖ୍ୟ କାରଣ। ସାରା ବିଶ୍ୱରେ ପ୍ରାୟ ପଞ୍ଚାଅଶୀ ଲକ୍ଷ ମଣିଷ ଗ୍ଲୁକୋମା ଜନିତ ଅନ୍ଧତ୍ୱ ଭୋଗୁଛନ୍ତି। ଏଥିରୁ ଏହାର ଭୟାବହତା ଅନୁମେୟ। ତେଣୁ ଏ ବାବଦରେ ସଚେତନ ହୁଅନ୍ତୁ ଏବଂ ଚାଳିଶ ଟପିବା ପରେ ନିୟମିତ ଆଖିର ଚାପ ପରୀକ୍ଷା କରାନ୍ତୁ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଚକ୍ଷୁ ରୋଗ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ଚକ୍ଷୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ସହ ବିନା ମୂଲ୍ୟରେ ଆନୁଷଙ୍ଗିକ ପରୀକ୍ଷା ଓ ଔଷଧପତ୍ରର ସୁଯୋଗ ନିଅନ୍ତୁ। କୁହାଯାଏ ଆଖି ନାହିଁ ତ ସାକ୍ଷୀ ନାହିଁ। ତେଣୁ ଆଖି ପରି ଶରୀରର ଅପରିହାର୍ଯ୍ୟ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ସୁରକ୍ଷା ନିଅନ୍ତୁ ଓ ସଚେତନ ହୁଅନ୍ତୁ ଏହା ହିଁ ସବୁଠାରୁ ଆପଣଙ୍କ ପାଇଁ ନିରୋଗ ଚକ୍ଷୁର ସୁରକ୍ଷା କବଚ।







**ଡାକ୍ତର ବିଷ୍ଣୁପ୍ରସାଦ ସର**
*ସହକାରୀ ପ୍ରଫେସର, ଚକ୍ଷୁରୋଗ ବିଭାଗ,*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ:*
*୮୨୮୦୧୬୩୬୬୭/୯୯୩୭୧୬୯୦୩୦*

## ଆସନ୍ତା ମାର୍ଚ୍ଚ ୧୪ରୁ ତ୍ରିଦିବସୀୟ ଲୋକକଳା ମହୋତ୍ସବ

କୋଣାର୍କ (ପିଏନ୍): ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ପକ୍ଷରୁ କୋଣାର୍କ ଜଗନ୍ନାଥ ମନ୍ଦିର ପରିସରସ୍ଥ ସାଂସ୍କୃତିକ ମଣ୍ଡପ ପରିସରରେ ଆସନ୍ତା ମାର୍ଚ୍ଚ ୧୪ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ତୃତୀୟ ଲୋକକଳା ମହୋତ୍ସବ । ଏଥିନିମନ୍ତେ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଲୁକ୍କାୟିତ ଲୋକକଳା, ନୃତ୍ୟ, ସଂଗୀତ ଓ ଲୋକ ନୃତ୍ୟର ଏହି ଅପୂର୍ବ ସମାରୋହରେ ଖ୍ୟାତିସମ୍ପନ୍ନ କଳାକାରମାନେ ଯୋଗଦେଇ କଳା ପ୍ରଦର୍ଶନ କରିବେ । ଏହି ଲୋକକଳା ମହୋତ୍ସବ ଆସନ୍ତା ମାର୍ଚ୍ଚ ମାସ ୧୪ତାରିଖ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହୋଇ ରାତି ୯ଟାରେ ଶେଷ ହେବ । ପ୍ରତ୍ୟହ ଚାରୋଟି ପର୍ଯ୍ୟାୟରେ ଖ୍ୟାତିସମ୍ପନ୍ନ କଳାକାରମାନେ ଲୁକ୍କାୟିତ କଳା ଯନ୍ତ୍ର ସଂଗୀତ, ସଙ୍ଗୀତ ଓ ଲୋକ ନୃତ୍ୟର ଅପୂର୍ବ ସମାରୋହ କୋଣାର୍କ ଜଗନ୍ନାଥ ମନ୍ଦିର ପରିସରସ୍ଥ ମଣ୍ଡପରେ ପ୍ରଦର୍ଶିତ କରିବେ । ଏହି ମହୋତ୍ସବରେ ପ୍ରଥିତଯଶା କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କଳା ସଂସ୍କୃତି, ଲୁକ୍କାୟିତା କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟଦୀପ ପକ୍ଷରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯିବ । ହଜିଯାଉଥିବା ଲୋକକଳାର ପୁନରୁଦ୍ଧାର ପାଇଁ ଏହି ପ୍ରୟାସ କରାଯିବା ସହ ଆୟୋଜିତ ମହୋତ୍ସବରେ ଲୋକକଳାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦିଚରଣ ସ୍ୱାଇଁ ଓ ଉପ-ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା ସୂଚନା ଦେଇଛନ୍ତି ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା କଲେଜ କଲୋନୀ ଅଭ୍ୟାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ କନକଲତା ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ମାହାଲିଙ୍କ ଅଧ୍ୟକ୍ଷତାରେ ଓ ସଂଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂହ ବିଶିଷ୍ଟ ଅତିଥି, ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି, ପ୍ରଫେସର ଡଃ. ଶ୍ରୀଧର କୁମାର ସାମଲ ମୁଖ୍ୟବକ୍ତା ଓ ପ୍ରାକ୍ତନ ଶିକ୍ଷା ଅଧିକାରୀ ପରିବେଶବିତ କାଶୀନାଥ ରାଉତରାୟ ଏବଂ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଭଞ୍ଜଙ୍କ ନୀତିନିଷ୍ଠ ଓ କର୍ତ୍ତବ୍ୟ ବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ, ସମଗ୍ର ଶିକ୍ଷା ଅଭିଯାନ, ମିଳିତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ଓ ପି.ସି.ଟି.ଆଇ. ପକ୍ଷରୁ ମିଳିତ ଭାବରେ ଶ୍ରୀମତୀ ଭଞ୍ଜଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିଜୟ କୁମାର ସାମଲ, ସୁବାଷ ଚନ୍ଦ୍ର ବିଶ୍ୱାଳ, ବଳଦେବ ପ୍ରସାଦ ଜେନା, ଅଶୋକ କୁମାର ସାହୁ, ବନଲତା ଚୌଧୁରୀ, ନିରୂପମା ସାହୁ, ସସ୍ମିତା ପ୍ରଧାନ, ବିନୋଦ ବିହାରୀ ସାହୁ, ଚନ୍ଦନ ସ୍ୱାଇଁ, ସୁଶାନ୍ତ ନାୟକ, ପ୍ରମୋଦ କୁମାର ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଶ୍ରୀମତୀ ଭଞ୍ଜଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶିକ୍ଷକ ଅଶୋକ ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସଂଗୀତ ଶିଳ୍ପୀ ନିରୂପମା ଜେନା ପ୍ରାରମ୍ଭିକ ସଂଗୀତ ଗାନ ଓ ଶିକ୍ଷୟିତ୍ରୀ ଭାରତୀ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଞ୍ଜିବନୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହର ଉପକଣ୍ଠରେ ଥିବା ସଞ୍ଜିବନୀ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୦ଟି ବିଜ୍ଞାନ ସମ୍ବନ୍ଧୀୟ ଚିତ୍ର ଓ ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥିରେ କଷଣଅଣ୍ଟା ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଶବ ସେଠୀ ଓ ଗୋବରୀ ନୋଡାଲ ସ୍କୁଲର ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ବିଦ୍ୟାଳୟର ଆଚାର୍ଯ୍ୟ କାଳନ୍ଦୀ ସାହୁ ଓ ବିଶ୍ୱଭୂଷଣ ପ୍ରହରାଜ ପ୍ରଦର୍ଶନୀ ବୁଲି ଦେଖିବାରେ ସହଯୋଗ କରିଥିଲେ । ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ଆଚାର୍ଯ୍ୟା ଅସୀମା ଦ୍ୱିବେଦୀ ଓ ମଞ୍ଜୁଲତା ପରିଡା ସ୍ୱାଗତ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଚିତ୍ତରଞ୍ଜନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଗୁରୁଜୀ ସଦାଶିବ ପଣ୍ଡିତ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ବିଜ୍ଞାନ ସମ୍ପର୍କରେ ଆଲୋକପାତ କରିବା ସହ ସାର୍ ଆଇଜାକ୍ ନ୍ୟୁଟନ ଓ ସି.ଭି. ରମଣଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ବିଜ୍ଞାନ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବୀତରଣ କରାଯାଇଥିଲା । ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମକୁ ଗୁରୁଜୀ ରାଜକିଶୋର ସାହୁ ଓ ବିଜୟ ପାତ୍ର ପରିଚାଳନା କରିଥିଲେ । ବିଜ୍ଞାନ ପ୍ରଦର୍ଶନୀର କୃତି ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କାର ବୀତରଣ କରାଯାଇଥିଲା । ଶେଷରେ ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାମନ୍ଦିରର ଗୁରୁମା ମଞ୍ଜୁଲତା ପରିଡା, ରତ୍ନମଣୀ ଷଡଙ୍ଗୀ, ସଂଯୁକ୍ତା ପାଣିଗ୍ରାହୀ, ସ୍ନେହଲତା ସାହୁ, ଗୌରୀ ସାହୁ, ଗଣେଶ୍ୱର ମିଶ୍ର, ସଞ୍ଜୁବାଳା ନନ୍ଦ, ଅସୀମା ଦ୍ୱିବେଦୀ, ଶୁଭାସିନୀ ରାଉତ, ପ୍ରଜ୍ଞା ପରମିତା ଦାଶ, ପ୍ରଜ୍ଞା ପରମିତା ସାହୁ, କୁନି ଦାସ, ମାନସୀ ବାରିକ ଓ ସେବିକା ନିରୁପମା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜରିପୁଟରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଭଜନ ସମାରୋହ



ଖୋର୍ଦ୍ଧା (ପିଏନ୍): ପଲ୍ଲୀ ତୋଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ଜରିପୁଟ ଭାଗବତ ପୀଠରେ ଚବିଶ ପ୍ରହର ନାମଯଜ୍ଞ, ନଗର କୀର୍ତ୍ତନ ତଥା ଭଜନ ସମାରୋହ ଧର୍ମୀୟ ପରିବେଶ ମଧ୍ୟରେ ସମାହିତ ହୋଇଯାଇଛି। ଏହି ଅସବରରେ ଏକ ଆଧ୍ୟାତ୍ମିକ ସଭା ଡ. ନୀଳାଦ୍ରିନାଥ ଜଗଦ୍ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଖୋର୍ଦ୍ଧା ବାର ଆସୋସିଏସନ ସଭାପତି ଅଜିତ୍ କୁମାର ପଟ୍ଟନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଗୋଡ଼ା ଶ୍ରୀଲୋକନାଥ ଦାତବ୍ୟ ଚିକିତ୍ସାଳୟର ସଂଯୋଜକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପଣ୍ଡିତ ମୋତିଲାଲ ଶର୍ମା, ସମାଜସେବୀ ଅରବିନ୍ଦ ମହାନ୍ତି, କବିରାଜ ସାମନ୍ତରାୟ, ବିଜ୍ଞାନ ପଟ୍ଟନାୟକ ପ୍ରମୁଖ ମଂଚାସୀନ ହୋଇ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଭାଗନେଇ ଉତ୍କଳୀୟ ଧର୍ମ, ପରମ୍ପରା ସଂପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀ ଚୈତନ୍ୟ ଯୁବ ପରିଷଦ ଦ୍ୱାରା ସଂପାଦିତ ଏହି କାର୍ଯ୍ୟକ୍ରମରେ ଜରିପୁଟ ଓ ଛୋଟରାୟପୁରର ଯୁବକମାନେ ଅଂଶଗ୍ରହଣ କରିଥିଲେ। ଚବିଶ ବର୍ଷ ତଳେ ଗ୍ରାମର କବିରାଜ ସାମନ୍ତରାୟ ଏହି କାର୍ଯ୍ୟକ୍ରମ ଆରଂଭ କରିଥିଲେ। ପ୍ରଶାନ୍ତ ଶ୍ରୀଚନ୍ଦନ ଅତିଥି ପରିଚୟ, ମୁଖ୍ୟ ଉଦ୍ୟୋକ୍ତା ବିଭୂତି ଭୂଷଣ ସାମନ୍ତରାୟ ବିବିରଣୀ ପାଠ ଓ ସଂକୀର୍ତ୍ତନ ଗୁରୁ ବେଣୁଧର ରାଉତରାୟ ଧନ୍ୟବାଦ ଦେଇଥିଲେ। ସର୍ବଶ୍ରୀ ପ୍ରତାପ କୁମାର କର, ପାର୍ଥସାରତଈ ସାମନ୍ତରାୟ, ଦେବାଶିଷ ମଙ୍ଗରାଜ, ଧ୍ରୁବଚରଣ ମୁଦୁଲି, ରଘୁନାଥ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତ୍ରିସ୍ତରୀୟ ନିର୍ବାଚନରେ ଦାୟିତ୍ୱରେ ଅବହେଳା ଯୋଗୁଁ କର୍ମଚାରୀ ନିଲମ୍ବିତ

କେନ୍ଦ୍ରାପଡ଼ା (ପିଏନ୍): ଚଳିତ ପଞ୍ଚାୟତ ନିର୍ବାଚନରେ ନିଜ ଦାୟିତ୍ୱ ନିର୍ବାହରେ ଅବହେଳା କରିଥିବା ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ଋତୁରାଜ କେତେଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବିତ କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନିଲମ୍ବିତ ହୋଇଥିବା ସରକାରୀ କର୍ମଚାରୀମାନେ ହେଉଛନ୍ତି କପାଳେଶ୍ୱର ପଞ୍ଚାୟତର ବୁଥ ନମ୍ବର ୧୧ରେ ପ୍ରଥମ ପୋଲିଂ ଅଫିସର ତଥା ରାଜକନିକା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ ସହକାରୀ ଶିକ୍ଷକ ହେମନ୍ତ ମହାପାତ୍ର, ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତ ହାଇସ୍କୁଲର କ୍ରୀଡା ଶିକ୍ଷକ ତଥା କପାଳେଶ୍ୱର ପଞ୍ଚାୟତର ୧୧ନମ୍ବର ବୁଥରେ ପ୍ରିଜାଇଡିଂ ଅଫିସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜଳପୋକ ପଞ୍ଚାୟତର ବୁଥ ନମ୍ବର ୪ ପାଇଁ ସେକ୍ଟର ଅଫିସର ଥିବା ମାର୍ଶାଘାଇ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଖଣ୍ଡାଇ, ମାର୍ଶାଘାଇ ବ୍ଲକର ମେହେନ୍ଦିନଗର ପଞ୍ଚାୟତ ବୁଥ ନମ୍ବର ୨ରେ ପ୍ରିଜାଇଡିଂ ଅଫିସର ଥିବା ଆଳି ବ୍ଲକର ଆୟତିପୁର ଦାମୋଦର ହାଇସ୍କୁଲର ସହକାରୀ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ସେକ୍ଟର ଅଫିସର ଦାୟୀତ୍ୱରେ ଥିବା ପାଟକୁରା ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନା, ଗରଦପୁର ବ୍ଲକ ଅଧିନ ବଙ୍ଗାଳପୁର ପଞ୍ଚାୟତର ବୁଥ ନମ୍ବର ୧୨ରେ ପ୍ରିଜାଇଡିଂ ଅଫିସର ଥିବା ଆଳି ବ୍ଲକ ସାଳିଅଞ୍ଚ କଣ୍ଡେଶ୍ୱର ହାଇସ୍କୁଲର ସହକାରୀ ଶିକ୍ଷକ ଦେବୀ ପ୍ରସାଦ ଷଡଙ୍ଗୀ, ସେହି ବୁଥରେ ପ୍ରଥମ ପୋଲିଂ ଅଫିସର ଦାୟୀତ୍ୱରେ ଥିବା କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନ ସହକାରୀ ଶିକ୍ଷକ କମଳାକାନ୍ତ ସାମନ୍ତରାୟ, ଗରଦପୁର ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମପଞ୍ଚାୟତର ବୁଥ ନମ୍ବର ୧ରେ ପ୍ରିଜାଇଡିଂ ଅଫିସର ଥିବା ରାଜକନିକା ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନ ପ୍ରଧାନ ଶିକ୍ଷକ ନିଗମାନନ୍ଦ ଦାସ ଓ ସେହି ବୁଥରେ ପୋଲିଂ ଅଫିସର ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନ କନିଷ୍ଠ ଶିକ୍ଷକ ଲୋକନାଥ ନାୟକ ପ୍ରମୁଖ। ଏହି ସରକାରୀ କର୍ମଚାରୀମାନଙ୍କୁ ଦାୟୀତ୍ୱରେ ଅବହେଳା ଓ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଯୋଗୁଁ ନିଲମ୍ବିତ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୧୧ ନମ୍ବର ୱାର୍ଡ ସଂରକ୍ଷଣ ନେଇ ଅସନ୍ତୋଷ, କାଉନସିଲର ପାଇଁ ପ୍ରାର୍ଥୀ ମିଳୁନାହାନ୍ତି !

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୧୧ରେ କାଉନସିଲର ହେବାକୁ ପ୍ରାର୍ଥୀ ମିଳୁନାହାନ୍ତି। ବିଡିଏ କଲୋନୀ, ଭାଲିଆବାଡ଼ି, ବାଉରିସାହି ଓ ସଂଲଗ୍ନ ଅଂଚଳ ଏହି ୱାର୍ଡର ପରିସୀମା ହୋଇଥିବାବେଳେ ଅନୁସୂଚୀତ ଜନଜାତି (ମହିଳା)ଙ୍କ ପାଇଁ ଏହି ଆସନ ସଂରକ୍ଷିତ ହୋଇଛି। ସମୁଦାୟ ୱାର୍ଡ ଭିତରେ ଏହି ବର୍ଗର କେବଳ ଦୁଇଟି ପରିବାର ଅଛନ୍ତି। ଗୋଟିଏ ପରିବାରର ସମସ୍ତ ସଦସ୍ୟ ଚାକିରି କରିଥିବା ବେଳେ ସେମାନେ ଚାକିରି ଛାଡ଼ି ରାଜନୀତିକୁ ଆସିବାକୁ ମଙ୍ଗୁନାହାନ୍ତି। ଆଉ ଏକ ପରିବାରର ମହିଳା ଜଣେ ଗୃହିଣୀ ହୋଇଥିବା ବେଳେ ତାଙ୍କ ପତି ସରକାରୀ କର୍ମଚାରୀ ଅଛନ୍ତି। ସଂପୃକ୍ତ ମହିଳା ମଧ୍ୟ ପ୍ରାର୍ଥୀ ହେବାକୁ ମଙ୍ଗୁନାହାନ୍ତି। ଏହି ପରିପ୍ରେକ୍ଷୀରେ ପ୍ରାର୍ଥୀ ସଂକଟ ୧୧ ନମ୍ବର ୱାର୍ଡ ପାଇଁ ଚିନ୍ତାର କାରଣ ସାଜିଛି। ସ୍ଥାନୀୟ ବିଡିଏ କଲୋନୀ ବା ବକ୍ସି ଜଗବଂଧୁ ନଗର ଅଂଚଳରେ ସହରର ବୁଦ୍ଧିଜୀବୀମାନେ ରହୁଛନ୍ତି। ଏହି ୱାର୍ଡକୁ ସଂରକ୍ଷିତ କରାଯିବାରେ କୌଣସି କାରଣ ନାହିଁ। ଏହା ସଂରକ୍ଷିତ ହୋଇନଥିଲେ ବହୁ ଯୋଗ୍ୟ ପ୍ରାର୍ଥୀ ଏଠାରୁ ପ୍ରତିଦ୍ୱନ୍ଦିତା କରିପାରିଥାନ୍ତେ। ତେବେ ସଂରକ୍ଷଣ ସବୁ ବିଗାଡ଼ି ଦେଇଛି। ପରିସ୍ଥିତି ଏଭଳି ହୋଇଛି ଯେ, ଅନ୍ୟ ୱାର୍ଡରୁ ଅନୁସୂଚୀତ ଜନଜାତି(ମହିଳା)ଙ୍କୁ ଆଣି ଏଠାରେ ପ୍ରାର୍ଥୀ କରିବାକୁ ବିଭିନ୍ନ ରାଜନୈତିକ ଦଳମାନଙ୍କ ପକ୍ଷରୁ ବିଚାର କରାଯାଉଛି। ଏଭଳି ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ବ୍ୟବସ୍ଥା ଗଣତନ୍ତ୍ରର କଣ୍ଠରୋଧ କରୁଛି ବୋଲି ସାଧାରଣରେ ମତପ୍ରକାଶ ପାଇବା ସହ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

## କେନ୍ଦ୍ରାପଡା ପୌରସଂସ୍ଥା ଅଧ୍ୟକ୍ଷ ଓ କାଉନସିଲର ପଦ ପାଇଁ ଦାଖଲ ସମସ୍ତ ପ୍ରାର୍ଥୀପତ୍ର କାଏମ

କେନ୍ଦ୍ରାପଡ଼ା, ୯।୩ : କେନ୍ଦ୍ରାପଡା ପୌର ନିର୍ବାଚନ ପାଇଁ ଅଧ୍ୟକ୍ଷ ଓ କାଉନସିଲର ପଦ ନିମନ୍ତେ ଦାଖଲ କରାଯାଇଥିବା ପ୍ରାର୍ଥୀପତ୍ର ଗୁଡିକ ନିର୍ବାଚନ ଅଧିକାରୀ ନିରଞ୍ଜନ ବେହେରାଙ୍କ ଦ୍ୱାରା ଆଜି ଯାଞ୍ଚ କରାଯାଇଥିଲା। ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପରେ ପୌରସଂସ୍ଥାର ଅଧ୍ୟକ୍ଷ ପଦ ଓ ପୌରସଂସ୍ଥାର ୨୧ଟି ୱାର୍ଡ ନିମନ୍ତେ ଦାଖଲ କରାଯାଇଥିବା କାଉନସିଲର ପଦରେ ସମସ୍ତ ପ୍ରାର୍ଥୀମାନଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ଶ୍ରୀ ବେହେରାଙ୍କ ଠାରୁ ସୂଚନା ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡା ପୌରସଂସ୍ଥାର ନଗରପାଳ ପଦରେ ୫ଟି ପ୍ରାର୍ଥୀପତ୍ର ଦାଖଲ କରାଯାଇଥିବା ବେଳେ ୨୧ଟି ୱାର୍ଡର କାଉନସିଲର ପଦ ପାଇଁ ମୋଟ ୯୮ଟି ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା।

## ୬ନମ୍ବର ଜୋନର ୬ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୬ନମ୍ବର ଜୋନରେ ଗାଙ୍ଗପଡା, ପଳସିଂହା, ସାନମାଣିତିଆ, କେଶପୁର, ଚନ୍ଦନପୁର ଓ ବାରୋ ପ୍ରଭୃତି ୬ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଗାଙ୍ଗପଡା ପଞ୍ଚାୟତରେ ସରପଞ୍ଚ ଭାବେ ଅଶ୍ୱିନୀ କୁମାର ପାତ୍ର ବିଜୟୀ ହୋଇଥିବା ବେଳେ ପଳସିଂହା ପଞ୍ଚାୟତରେ ସରପଞ୍ଚ ଭାବେ ଦେବେନ୍ଦ୍ର ପରିଡା ବିଜୟୀ ହୋଇଛନ୍ତି। ସେହିଭଳି ସାନମାଣିତିଆ ପଞ୍ଚାତରେ ସରପଞ୍ଚ ଭାବେ ବିଭୁତି ଭୂଷଣ ମଲିକ ବିଜୟୀ ହୋଇଥିବାବେଳେ କେଶପୁର ପଞ୍ଚାୟତର ସରପଞ୍ଚ ଭାବେ କଲ୍ୟାଣୀ ମଲିକ ବିଜୟୀ ହୋଇଛନ୍ତି। ଚନ୍ଦନପୁର ପଞ୍ଚାୟତର ସରପଞ୍ଚ ଭାବେ ରମାକାନ୍ତ ମଲିକ ବିଜୟୀ ହୋଇଥିବା ବେଳେ ବାରୋ ପଞ୍ଚାୟତର ସରପଞ୍ଚ ଭାବେ ଗୋପିନାଥ ମଲିକ ବିଜୟୀ ହୋଇଛନ୍ତି। ସେହିଭଳି ଗାଙ୍ଗପଡା ପଞ୍ଚାୟତର ସମିତି ସଭ୍ୟା ଭାବେ ସନ୍ଧ୍ୟାରାଣୀ ସେଠୀ ବିଜୟୀ ହୋଇଥିବା ବେଳେ ପଳସିଂହା ପଞ୍ଚାୟତର ସମିତି ସଭ୍ୟା ଭାବେ କୁମୁଦିନୀ ପରିଡା, ସାନମାଣିତିଆ ପଞ୍ଚାୟତର ସମିତିସଭ୍ୟ ଭାବେ ଚନ୍ଦ୍ରମଣୀ ବେହେରା, କେଶପୁର ପଞ୍ଚାୟତର ସମିତିସଭ୍ୟା ଭାବେ ବାସନ୍ତୀ ବେହେରା, ଚନ୍ଦନପୁର ପଞ୍ଚାୟତର ସମିତିସଭ୍ୟା ଭାବେ ବିଷ୍ଣୁପ୍ରିୟା ମାନସିଂ ଓ ବାରୋ ପଞ୍ଚାୟତର ସମିତିସଭ୍ୟା ଭାବେ ସସ୍ମିତା ପଲାଇ ବିଜୟୀ ହୋଇଛନ୍ତି।

## ନବନିର୍ବାଚିତ ସରପଂଚ ଓ ସମିତିସଭ୍ୟଙ୍କ କୃତଜ୍ଞତା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଞ୍ଚାୟତର ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସରୋଜିନୀ ନାୟକ ଓ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିବା ସରୋଜ ରଞ୍ଜନ ଜେନା (ବୁବୁ) କଂସାର ପଞ୍ଚାୟତବାସୀ ଭାଇଭଉଣୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବନିର୍ବାଚିତ ସରପଞ୍ଚ ଶ୍ରୀମତୀ ନାୟକ ୬୬୮ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ନବନିର୍ବାଚିତ ସମିତିସଭ୍ୟ ଶ୍ରୀ ଜେନା ୫୬୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦ୍ରାପଡା ପୌରାଞ୍ଚଳର ୧୫ନମ୍ବର ୱାର୍ଡରେ ହବିବାଙ୍କ ନିର୍ବାଚନୀ ପ୍ରଚାର

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ପୌରାଞ୍ଚଳରେ ଏବେ ନିର୍ବାଚନୀ ଉଷ୍ମତା ଦେଖିବାକୁ ମିଳିଛି। ପୌରାଞ୍ଚଳର ୨୧ଟି ୱାର୍ଡରେ କାଉନସିଲର ପ୍ରାର୍ଥୀ ଓ ନଗରପାଳ ପ୍ରାର୍ଥୀଙ୍କ ଆରମ୍ଭ ହୋଇଯାଇଛି ନିର୍ବାଚନୀ ପ୍ରଚାର। ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକମାନଙ୍କୁ ସଙ୍ଗରେ ଧରି ସାହି ବସ୍ତି ବୁଲି ନିର୍ବାଚନୀ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି। ସେହିପରି କେନ୍ଦ୍ରାପଡା ପୌରାଞ୍ଚଳର ୧୫ନମ୍ବର ୱାର୍ଡରୁ ବିଜୁ ଜନତା ଦଳର କାଉନସିଲର ପ୍ରାର୍ଥୀ ହୋଇଥିବା ହବିବା ବେଗମ ତାଙ୍କ ସମର୍ଥକ ଶତାଧିକ ମହିଳାମାନଙ୍କୁ ସଙ୍ଗରେ ଧରି ସାହିବସ୍ତିର ପ୍ରତ୍ୟେକ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ତାଙ୍କ ସ୍ୱାମୀ ବିଜେଡିର ଜଣେ ଯୁବନେତା ଭାବରେ ସାଧାରଣରେ ପରିଚିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ମୂଳକ ଯୋଜନା ଓ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ବିକାଶର ଧାରାକୁ ପାଥେୟ କରି ହବିବା ଲୋକଙ୍କ ପାଖରେ ପହଞ୍ଚି ଜନ ସମର୍ଥନ ଲୋଡୁଥିବା ଦେଖାଯାଇଛି। ଜଣେ ମେଳାପି, ମିଷ୍ଟଭାଷି ଓ ସମାଜସେବୀ ମହିଳା ଭାବରେ ହବିବାଙ୍କର ବେଶ ଦକ୍ଷତା ରହିଛି। ହବିବାଙ୍କ ସହିତ ତାଙ୍କ ସ୍ୱାମୀ ସେକ ନସିମୁଦ୍ଦିନ(ପପୁ)ଓ ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ)ଙ୍କ ସମେତ ବହୁ ମହିଳା ସମର୍ଥକମାନେ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

# ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପି.ଏନ) ଓଡ଼ିଶାର ପ୍ରବୀଣ ଶିକ୍ଷାବିତ୍ ମହିମା ଧର୍ମର ପ୍ରବକ୍ତା ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଅଷ୍ଟାଦଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଶହୀଦନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପୂର୍ବତନ କର୍ପୋରେଟର ପଦ୍ମନାଭ ଦାଶ, ସତ୍ୟବ୍ରତ ଜେନା, କବିତା ସୁବୁଦ୍ଧି, ଜୟନ୍ତୀ ପଣ୍ଡା, ରୂପାଲି ସାହୁ, ସ୍ୱର୍ଗତ ନାଥଙ୍କ ପୁତ୍ରବଧୂ ଗୀତାଞ୍ଜଳି ନାଥ ଓ ତାଙ୍କ ପରିବାର ସଦସ୍ୟ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ପ୍ରଫେସର ନାଥ ଲଣ୍ଡନରେ ଉଚ୍ଚଶିକ୍ଷା ଲାଭକରି ଶିକ୍ଷକତାକୁ ବ୍ରତଭାବେ ଗ୍ରହଣ କରି ମୌଳିକ ଶିକ୍ଷାର ବିକାଶ ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ। ସରଳ ନିଷ୍ଠାପର ଜୀବନଯାପନ କରିବା ସହ ତାଙ୍କର ଶିକ୍ଷାଦାନ ଶୈଳୀ ବିଦ୍ୟାର୍ଥୀମାନଙ୍କ ମେଧାଶକ୍ତିର ବିକାଶରେ ସହାୟକ ହୋଇଥିଲା। ସେ ଅନେକ ଗୁଡ଼ିଏ ପାଠ୍ୟପୁସ୍ତକ ରଚନା କରିବା ସହିତ ମହିମା ଧର୍ମ ଉପରେ ବହୁ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# 'ସ୍ୱର' ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର ୧୧।୩ ସ୍ୱାଧୀନତାର ୭୫ତମ ବାର୍ଷିକୀ ଏବଂ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମହିଳା ସଂଗଠନ 'ସ୍ୱର' ପକ୍ଷରୁ ସ୍ଥାନୀୟ ବମିଖାଲଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ମ୍ୟୁନିସିପାଲଟି ବ୍ଲଡବ୍ୟାଙ୍କର କର୍ମକର୍ତ୍ତାମାନେ ଏଠାରେ ରକ୍ତ ସଂଗ୍ରହ କରିଥିଲେ। ପ୍ରାୟ ୩୪ଜଣ ମହିଳା ଏବଂ ପୁରୁଷ ଏହି ଅବସରରେ ରକ୍ତଦାନ କରିଥିଲେ। ସର୍ବଭାରତୀୟ ମହିଳା ସଂଗଠନ ଭାରତୀୟ ସ୍ତ୍ରୀ ଶକ୍ତି ସହ ସଂପୃକ୍ତ ସ୍ୱର ଟ୍ରଷ୍ଟ ପକ୍ଷରୁ ଇନ୍ଦିରା ଦାଶ, ସବିତା ରାୟ, କ୍ରିଷ୍ଣା ଅଗ୍ରୱାଲା, ସ୍ନେହା ଅଗ୍ରୱାଲା, ରଶ୍ମି ଅଗ୍ରୱାଲା, ଅର୍ଚ୍ଚନା ଅଗ୍ରୱାଲା, ରୀନା ଅଗ୍ରୱାଲା ପ୍ରମୁଖ ଏହି ରକ୍ତଦାନ ଶିବିରର ପରିଚାଳନା କରିଥିଲେ। ବ୍ଲଡ ବ୍ୟାଙ୍କ ଫେଡେରେସନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡାକ୍ତର ନରେନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଏଭଳି ଅନେକଗୁଡ଼ିଏ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସ୍ୱରର ମ୍ୟାନେଜିଂ ଟ୍ରଷ୍ଟି ଚନ୍ଦନା ଦାସ ପ୍ରକାଶ କରିଛନ୍ତି।

# କୁତୁରଙ୍ଗ ପଞ୍ଚାୟତ: କାଳିଆଙ୍କ ଗୋଟି ଚାଳନାରେ ବିରୋଧୀ ଚିତପଟାଙ୍ଗ



କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ଗ୍ରାମପଞ୍ଚାୟତରେ ଆଜି ଥିଲା ନାଏବ ସରପଞ୍ଚ ନିର୍ବାଚନ। ଏଥିରେ ଯୁବନେତା ନରୋତ୍ତମ ମଲିକ(କାଳିଆ)ଙ୍କ ଗୋଟି ଚାଳନାରେ ବିରୋଧୀ ଚିତପଟାଙ୍ଗ ମାରିଥିବା ଦେଖାଯାଇଛି। ଯୁବନେତା ଶ୍ରୀ ମଲିକ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରି ଏହି ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ସବିତା ଦାସଙ୍କୁ ନାଏବ ସରପଞ୍ଚ ଭାବେ ପ୍ରାର୍ଥି କରିଥିଲେ। ବିରୋଧୀ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ କବିତା ସାମଲ ନାଏବ ସରପଞ୍ଚ ପ୍ରାର୍ଥି ହୋଇଥିଲେ। ନିର୍ବାଚନ ପରେ ବିଜେଡି ସମର୍ଥିତ ପ୍ରାର୍ଥୀ ସବିତା ଦାସ ୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କବିତା ସାମଲ ମାତ୍ର ୩ଖଣ୍ଡ ଭୋଟ ପାଇ ପରାଜୟ ବରଣ କରିଥିଲେ। ନାଏବ ସରପଞ୍ଚ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପରେ ନବ ନିର୍ବାଚିତ ନାଏବ ସରପଞ୍ଚ ସବିତା ଦାସ, ଯୁବନେତା ନରୋତ୍ତମ ମଲିକ, ପୂର୍ବତନ ସରପଞ୍ଚ ସୀତାସୁନ୍ଦରୀ ମଲିକଙ୍କୁ ପଞ୍ଚାୟତ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମନାଭ ସାହୁ, ରମେଶ ଚନ୍ଦ୍ର ପରିଡା, ମନୋରଞ୍ଜନ ପାତ୍ର, ଦିଲ୍ଲିପ ଦାସ, ଶ୍ରୀକାନ୍ତ ମଲିକ, ରଞ୍ଜନ କୁମାର ମଲିକ, ଶରତ କୁମାର ଜେନା, ଗୋଲଖ ଜେନା, ମନୋରଞ୍ଜନ ମଲିକ, ଶ୍ରୀଧର ସାହୁ, ସଞ୍ଜୀବ ଦାସ, ବାବାଜୀ ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# କରୋନାରୁ ସୁସ୍ଥ ହେଲେ ୧୧୭ ଆକ୍ରାନ୍ତ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ କରୋନା ସଂକ୍ରମଣରୁ ଶୁକ୍ରବାର ଆଉ ୧୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୪୦୨ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଓ ସମ୍ବଲପୁର ଜିଲ୍ଲାରୁ ୧୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଝାରସୁଗୁଡ଼ାରୁ ୧୫, ଭଦ୍ରକ, ବଲାଙ୍ଗୀର, ଜଗତସିଂହପୁରରୁ ୨ ଜଣ ଲେଖାଏଁ, କଳାହାଣ୍ଡି, ମାଲକାନଗିରି, ରାୟଗଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ଜଣେ କରୋନାରୁ ସୁସ୍ଥ ହୋଇଛନ୍ତି।

# ଓଡ଼ିଆ ସରକାରଙ୍କ ମାତୃଭାଷା ମମତାପ୍ରୀତି

କିଛିଦିନ ତଳେ ଅର୍ଥାତ୍ ଫେବୃଆରୀ ମାସ ୨୧ ତାରିଖ ଦିନ ବହୁ ଅନୁଷ୍ଠାନ,ଶିକ୍ଷାନୁଷ୍ଠାନ ସଭାସମିତି ରେ ବହୁ ଆଡମ୍ବର ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହେଲା। ମାର୍ଚ୍ଚ ମାସ ୧୧ ତାରିଖ ଦିନ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ମଧ୍ୟ ପାଳିତ ହେଲା। ଯେତେବେଳେ ମାତୃଭାଷାପ୍ରେମୀ ନିଜ ନିଜ ମାତୃଭାଷା କୁ ନେଇ ଗର୍ବ କରି ଉତ୍ସବାଭିମୁଖୀ ଓଡ଼ିଆ ଭାଷାପ୍ରେମୀ ଏଥିରୁ ବାଦ୍ ହୋଇଥାନ୍ତେ କିପରି ?

ଓଡ଼ିଶାର ରାଜ୍ୟ ରେ ବସବାସ କରୁଥିବା ଜନସାଧାରଣଙ୍କ ମାତୃଭାଷା ଓଡ଼ିଆ।ଓଡ଼ିଶା ଏପରି ଏକ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ ପ୍ରଦେଶ ଭାବେ ପ୍ରଥମେ ସ୍ୱତନ୍ତ୍ରତା ଲାଭ କରିଥିଲା। ଅତୀତର ଇତିହାସ କୁ ପର୍ଯ୍ୟବେକ୍ଷଣ କରି ୨୦ ଫେବୃଆରୀ ୨୦୧୪ ମସିହାରେ ମାନ୍ୟତା ଓ ୧୧ ମାର୍ଚ୍ଚ ୨୦୧୪ ଦିନ ଷଷ୍ଠ ସ୍ଥାନରେ ରହି ଶାସ୍ତ୍ରୀୟ ଭାଷା ରୂପେ ଭାରତ ସରକାରଙ୍କ ରାଜପତ୍ର ରେ ଘୋଷଣା ହେଲା।କେବଳ କାଗଜ କଲମ ମଧ୍ୟରେ ସୀମାବଦ୍ଧ ହୋଇ ରହିଲେ କୌଣସି ଭାଷାର ଉନ୍ନତି ସମ୍ଭବପର ହୋଇନଥାଏ। ସଂପ୍ରତି ପରିସ୍ଥିତିରେ ଓଡ଼ିଆ ଭାଷା ରେ ଅଭିଭାବକ ନିଜ ସନ୍ତାନମାନଙ୍କୁ ଶିକ୍ଷାଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି।ନିଜ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି।ଭାଷା ଓ ମମତାପ୍ରୀତି ର ଭାବ ଉଦ୍ରେକ ହେଉନାହିଁ।ମନରେ ସ୍ୱତଃ ପ୍ରଶ୍ନ ଆସୁଥିବ ଓଡ଼ିଆ ଭାଷା ର ଉନ୍ନତି ସାଧକ ନିମନ୍ତେ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି,ତାହାପରେ ମଧ୍ୟ ଏପରି ସ୍ଥିତି ହେବାର ପ୍ରଚ୍ଛଦପଟ କାରଣ କଣ ହୋଇପାରେ ? ଆପଣମାନେ ଦେଖିଥିବେ ବା ଓଡିଆ ଲୋକକ୍ତି ରେ ଶୁଣିଥିବେ-ପଢିଥିବେ 'ଭିତରୁ ଅଂଗାର,ବାହାରୁ ଚିକ୍କଣ 'ଏପରି ଏକ ଫଳ ଅଛି,ଯାହାର ନାମ ମହାକାଳ ଫଳ।ଏହି ଫଳର ବର୍ଣ୍ଣନା ଯେପରି ଓଡିଶା ତଥା ଭାରତ ସରକାରଙ୍କ ଓଡ଼ିଆ ଭାଷା ପ୍ରଚାର ଓ ପ୍ରସାର ପ୍ରୋତ୍ସାହନ ପ୍ରତି ମମତାପ୍ରୀତି ସଠିକ ଭାବେ ସେପରି। ଓଡ଼ିଆ ଭାଷା ର ସ୍ଥିତି ଦୁର୍ବଳ ବା ସଂପୂର୍ଣ୍ଣ ସ୍ଥିତି କୁ ଭୀତତ୍ରସ୍ତ କରିବାକୁ ପ୍ରାଥମିକ ପର୍ଯ୍ୟାୟରୁ ଅଣଦେଖା କରାଯାଉଛି।ବିଦ୍ୟାଳୟ ରେ ଗଣିତ କୁ ଅଙ୍କ ମାଷ୍ଟ୍ରେ,ହିନ୍ଦୀ-ସଂସ୍କୃତ ଭାଷା କୁ ହିନ୍ଦୀ -ସଂସ୍କୃତ ବିଷୟ ରେ ଅଧ୍ୟୟନରତ ବିଶେଷଜ୍ଞ ପଢାଇଥାନ୍ତି କିନ୍ତୁ ଓଡ଼ିଆ ସାହିତ୍ୟ ଏକ ସ୍ୱତନ୍ତ୍ର ବିଷୟ ଶହେ ମାର୍କ ପାଠ୍ୟକ୍ରମ ରହିଥିଲେ ମଧ୍ୟ ଯେକୌଣସି ବିଷୟ ବିଶାରଦ ପଢାଇଥାନ୍ତି।ନଜରରେ ଆସିଛି ବହୁ ବିଦ୍ୟାଳୟ ରେ ଏହି ଭାଷାକୁ କ୍ରୀଡାଶିକ୍ଷକ ପଢେଇଥାନ୍ତି।'ମୂଳରୁ ମାରିଲେ ଯିବ ସରି, ଦେବଙ୍କ ସଂଗେ କିଂପା କରି'ଏହି ନ୍ୟାୟ ରେ ବିଚ଼ାର କରନ୍ତୁ ତୃଣମୂଳ ସ୍ତରରୁ ଯେପରି ହିନ୍ଦୀ ସଂସ୍କୃତ ଭାଷା ରେ ବିଶେଷ ଅଧ୍ୟୟନ ନିମିତ୍ତ ଶାସ୍ତ୍ରୀ ପାଠ୍ୟକ୍ରମ ଓଡ଼ିଆ ଭାଷା ପ୍ରତି ଆଗ୍ରହ ରଖୁଥିବା ଛାତ୍ରଛାତ୍ରୀ ଙ୍କ ନିମିତ୍ତ ସ୍ୱତନ୍ତ୍ର ବି.ଏଡ୍,ସି.ଇଟି.ଶିକ୍ଷାଦାନ ର ବ୍ୟବସ୍ଥା ନାହିଁ।ଦୁଃଖପରିତାପର ବିଷୟ ସରକାରୀ ଶିକ୍ଷକ ନିଯୁକ୍ତି ରେ ଓଡିଆ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ହେଉନାହିଁ।ଓଡ଼ିଆ ଅଧ୍ୟାପକ ନିଯୁକ୍ତି କଥା ନ କହିବା ଭଲ ହେବ।ଓଡ଼ିଆ ଭାଷା ରେ ସ୍ନାତକ ଓ ସ୍ନାତକୋତ୍ତର ମେଧାବୀ ଡିଗ୍ରୀଧାରୀ ବୃତ୍ତି ଓ କର୍ମନିଯୁକ୍ତି ର ନିୟୋଜିତ ନ ହୋଇପାରି ବେକାରୀ ହୋଇ ମାନସିକ ଚ଼ାପ ର ଶିକାର ହେଉଛନ୍ତି।ଚ଼ଳିତବର୍ଷ କଳା ବିଭାଗ ରେ ସ୍ନାତକୋତ୍ତର ପାଠ୍ୟକ୍ରମ ନିମିତ୍ତ ପାଖାପାଖି ୬୦୦୦ ଛାତ୍ର ଛାତ୍ରୀ ଆବେଦନ କରିଥିବା ସମୟରେ ନାମଲେଖା ନିମିତ୍ତ ସମୁଦ୍ର କୁ ଶଂଖେ ପରି ଆସନ ସଂଖ୍ୟା ମାତ୍ର ଏକହଜାର ରୁ ବାରଶହ ମଧ୍ୟରେ ସୀମାବଦ୍ଧ।ଅଧିକାଂଶ ସ୍ଥାନରେ ସେଲ୍ଫଫାଇନାନ୍ସିଂ ମୋଡ ରେ ପାଠ୍ୟକ୍ରମ ଥିବାରୁ ନାମଲେଖା ପାଇଁ ସାଧାରଣ ଛାତ୍ରଛାତ୍ରୀ ଆର୍ଥିକ କ୍ଷେତ୍ରରେ ଅସମର୍ଥ।ବେସରକାରୀ ସ୍ତରରେ ଓଡ଼ିଆ ଭାଷା ପାଠ୍ୟକ୍ରମ ପାଇଁ ଆଣି ବ୍ୟବସ୍ଥା ନକହିଲେ ଚ଼ଳେ।ପ୍ରତିଯୋଗିତା ମୂଳକ ପରୀକ୍ଷା ରେ ଇଂରାଜୀ ହିନ୍ଦୀ ବିଷୟ ପ୍ରତି ଜ୍ଞାନ ବାଧ୍ୟତାମୂଳକ ହୋଇଥିବାରୁ ଓଡ଼ିଆ ଭାଷା ଛାତ୍ର ଛାତ୍ରୀ ଆଶାନୁରୂପ ସଫଳତା ହାସଲ କରିପାରୁନାହାନ୍ତି।ଓଡ଼ିଶା ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କରିବା ପାଇଁ ସତ୍ୟବାଦୀ ଠାରେ ଭୂମିପୂଜନ କରିଛନ୍ତି।ଦୀର୍ଘ ବର୍ଷ ଅତିକ୍ରାନ୍ତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଶେଷ ଭାବରେ ନିର୍ମାଣ ଦିଗରେ ସଫଳ ମିଳିପାରିନାହିଁ,ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି।ନିର୍ବାଚ଼ନ ଋତୁ ପାଖେଇ ଆସିଲେ ଭୋଟବାକ୍ସ କୁ ନଜରରେ ରଖି ଯୋଜନା ଉପରେ ଯୋଜନା ତାଲିକା ପ୍ରସ୍ତୁତ, ଯୋଜନା ର ସଫଳ ରୂପାୟନ କରିବାରେ ଫଳ ଶୂନ। ଅଭିଭାବକ ଙ୍କ ମନରେ ଓଡ଼ିଆ ଭାଷା ପଢି ନିଜ ସନ୍ତାନ ର ଭବିଷ୍ୟତ କଣ ପ୍ରଶ୍ନ ଆସିବା ସ୍ୱାଭାବିକ କଥା। ଯେଉଁ ଛାତ୍ରଛାତ୍ରୀମାନେ ପଢୁଛନ୍ତି ସେମାନଙ୍କ ଭବିଷ୍ୟତ ଖଣ୍ଡା ଧାରରେ ଚ଼ାଲିବା ପରିସ୍ଥିତି ଠାରୁ ଅଧିକ ବିପଦଜନକ। ଭାବୁଥିବେ ଆପଣ ଓଡ଼ିଆ ଭାଷା ବିପଦ ସଙ୍କୁଳ ପରିସ୍ଥିତି ରେ ଗତି କରୁଥିବା ସମୟରେ ଲୋକଲୋଚ଼ନକୁ ଆସିପାରୁନାହିଁ କିପରି ? ଏହିସବୁ ସମସ୍ୟା ଓଡ଼ିଆ ଭାଷା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ,ଓଡିଆ ଭାଷାପ୍ରେମୀ, ବୁଦ୍ଧିଜୀବୀ ପ୍ରତିବାଦ କରୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା କୁ ଭଂଗ କରିପାରୁନାହିଁ। ବିଧାନସଭା ଠାରୁ ଆରମ୍ଭ କରି ମାଷ୍ଟର କାଣ୍ଟିନ୍ ଛକରେ ବିକ୍ଷୋଭ-ଆନ୍ଦୋଳନ, ଅନଶନ, ପ୍ରତିବାଦ ର ଆକୁଳ ହଜାର ହଜାର ଯୁବପିଢି ଙ୍କ ଆକୁଳ ନିବେଦନ ଚ଼ିତ୍କାର କୁ କର୍ଣ୍ଣପାତ କରୁନାହାନ୍ତି।ଅନ୍ୟାୟ ର ସ୍ୱରତୋଳନ କରୁଥିବା ବ୍ୟକ୍ତି ଙ୍କୁ ଚ଼ାପ ପକାଇ ବ୍ୟକ୍ତିଗତ ଭାବେ ବହୁ ଅକ୍ରୋଶମୂଳକ ପରିସ୍ଥିତି ହେବାର ଶିକାର ହେଉଛନ୍ତି। ନାନା ମିଥ୍ୟାଆରୋପ କାର୍ଯ୍ୟାନୁଷ୍ଠାନ ଲଗାଯାଇ ହଇରାଣ କରାଯାଉଛି। ଓଡ଼ିଆ ଭାଷା ରେ ଜୋରଜବରଦସ୍ତ ବଳପ୍ରୟୋଗ କରି ନାମଫଳକ ଲେଖିଦେଲେ କି ପରିବର୍ତ୍ତନ କରିଦେଲେ, ଓଡ଼ିଆ ଭାଷା ର ଉନ୍ନତି ହୋଇନଥାଏ ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପ୍ରକୃତି ଓ ପରିସର ବ୍ୟାପକ କରିପାରିଲେ ସ୍ୱଇଚ୍ଛା ରେ ଆଗ୍ରହ ସୃଷ୍ଟି ହୋଇପାରିବ।ଏହି ମାତୃଭାଷା ଦିବସ ପାଳନ ଅବସରରେ ଚ଼ିରାଚ଼ରିତ ଢଙ୍ଗରେ ପୂର୍ବଜ ଙ୍କ ନୀତିବାଣି କଣ୍ଠରେ ଉଚ୍ଚ଼ାରଣ ନ କରି ବାସ୍ତବରେ ଓଡ଼ିଆ ଭାଷା ର ସ୍ଥିତି ସମୀକ୍ଷା କରି ସମସ୍ୟା ଦିଗପ୍ରତି ବିଶେଷ ଧ୍ୟାନ ଓ ସମାଧାନ ର ରାସ୍ତା ଉନ୍ମୁକ୍ତ କରିବାରେ ସହାୟକ ହୁଅନ୍ତୁ।ମାତୃଭାଷା ଲୋପ ହେବା କ୍ଷେତ୍ରରେ ଓଡ଼ିଆ ଭାଷା ପରୀକ୍ଷଣ ପ୍ରୟୋଗଶାଳା ନହେଉ। ବିଶେଷ ଅନୁରୋଧ ଓଡିଶା ସରକାର ଓଡ଼ିଆ ଭାଷା ରେ ପଢୁଥିବା ଛାତ୍ର ଛାତ୍ରୀ ଙ୍କୁ ଅଣଦେଖା ନକରି ନିଜର ସାବତ ପୁଅ ଝିଅ ପରି ବ୍ୟବହାର ବନ୍ଦ କରନ୍ତୁ।କୁମ୍ଭୀର କାନ୍ଦଣା ନ କାନ୍ଦି ଓଡ଼ିଆ ଭାଷା ର ଉନ୍ନତି ଦିଗରେ ପ୍ରୋତ୍ସାହନ ଫଳପ୍ରଦ ଉଦ୍ୟମ କରନ୍ତୁ।

ବିଶୁବାବୁ, ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ
ଯୋ-୭୮୯୪୩୯୪୦୪୯

## ୟୁକ୍ରେନରୁ ଫେରିଲେ ମେଡିକାଲ ଛାତ୍ର ସମ୍ବିତ ଶୁଭଙ୍କର

କେନ୍ଦ୍ରାପଡ଼ା,(ପି.ଏନ): ସୁଦୂର ୟୁକ୍ରେନରୁ ନିଜ ଘରକୁ ଫେରିଛନ୍ତି ମେଡିକାଲ ଛାତ୍ର ସମ୍ବିତ ଶୁଭଙ୍କର ନାୟକ। ୟୁକ୍ରେନ ସହିତ ଋଷର ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଅତ୍ୟନ୍ତ ଅନିଶ୍ଚିନ୍ତତା ଭିତରେ ସେଠାରେ ଦିନ କାଟୁଥିଲେ ସମ୍ବିତ। କେମିତି ଘରକୁ ଫେରିବେ ତାହା ତାଙ୍କୁ ବିଚଳିତ କରୁଥିଲା। ଭାରତ ସରକାର ଓ ଓଡିଶା ସରକାରଙ୍କ ସହଯୋଗରେ ଶେଷରେ ସମ୍ବିତ ଘରକୁ ଫେରିଆସିଥିବା ସମ୍ଭବ ହୋଇଛି। ସମ୍ବିତ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡପଡା ଗ୍ରାମପଞ୍ଚାୟତର ମିଞ୍ଜାଉଣୀ ଗ୍ରାମର ବାସୀନ୍ଦା। ସେ ୟୁକ୍ରେନର ଖାରକୋଭ ନାସନାଲ ମେଡିକାଲ କଲେଜରେ ପଞ୍ଚମ ବର୍ଷର ଛାତ୍ର ଭାବେ ଅଧ୍ୟୟନ କରୁଥିଲେ। ସମ୍ବିତ ଘରେ ପହଞ୍ଚିବା ପରେ ତାଙ୍କ ଘରେ ଖୁସିର ଲହରୀ ଖେଳିଯାଇଛି।

## ଅନଲାଇନ୍ ପରୀକ୍ଷା ପରେ ବିଦ୍ୟାଳୟରେ ହେଲା ପ୍ରଥମ ପରୀକ୍ଷା

କେନ୍ଦ୍ରାପଡ଼ା,(ପି.ଏନ): ବିଦ୍ୟାଳୟ ଖୋଲିବା ପରେ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଗୁରୁବାର ପ୍ରଥମ ଥର ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପରୀକ୍ଷା ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ବେଶ ଉତ୍ସାହିତ ହୋଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ଅଜୟ କୁମାର ରାଉତ କହିଲେ କରୋନା ପରେ ଏହା ହେଉଛି ବିଦ୍ୟାଳୟରେ ପ୍ରଥମ ପରୀକ୍ଷା। ଆମେ ସରକାରଙ୍କ କରୋନା ମାର୍ଗଦର୍ଶିକା ପାଳନ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିଛୁ।


2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଏମ୍ସ ଭୁବନେଶ୍ୱରରେ ଖୁବ୍ ଶୀଘ୍ର ଆରମ୍ଭ ହେବ ବୃକକ୍ ପ୍ରତିରୋପଣ

ଭୁବନେଶ୍ୱର, (ପି.ଏନ): ଏମ୍ସ ଭୁବନେଶ୍ୱର ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୃକକ୍ ପ୍ରତିରୋପଣ (ରେନାଲ୍ ଟ୍ରାନ୍ସପ୍ଲାଂଟ୍) ସେବା। ଏନେଇ ଏମ୍ସ ପକ୍ଷରୁ ଭିତିଭୂମି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ବେଶ୍ ପୂର୍ବରୁ ସମାପ୍ତ ହୋଇଛି। ରାଜ୍ୟ ସରକାରଙ୍କଠାରୁ ଏନେଇ ଆବଶ୍ୟକ ଅନୁମତି ପାଇବା ନେଇ ଏମ୍ସକୁ ସବୁଜ ସଙ୍କେତ ମିଳିସାରିଛି। ଆବଶ୍ୟକ ପ୍ରକ୍ରିୟା ସମାପ୍ତି ପରେ ଏମ୍ସ ଭୁବନେଶ୍ୱରରେ ବହୁପ୍ରତିକ୍ଷୀତ ବୃକକ୍ ପ୍ରତିରୋପଣ ଆରମ୍ଭ ହେବ ବୋଲି ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ଏସ୍ ଏନ୍ ମହାନ୍ତି ପ୍ରକାଶ କରିଛନ୍ତି। ଆଜି ଏମ୍ସ ପରିସରରେ ବିଶ୍ୱ କିଡ୍ନୀ ଦିବସ ପାଳନ ଅବସରରେ ଏହି ସୂଚନା ଦେଇଛନ୍ତି ଡ. ମହାନ୍ତି। ଏହି ସେବା ଆରମ୍ଭ ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କିଡ୍ନୀ ରୋଗୀ ଉପକୃତ ହେବେବୋଲି ଡ. ମହାନ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ସୂଚନା ଦେଇ ନେଫ୍ରୋଲୋଜି ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ସନ୍ଦୀପ କୁମାର ପଣ୍ଡା କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ୨୦୧୯ରୁ ଡାଏଲିସିସ୍ ସେବା ଯୋଗାଇ ଆସୁଛି। ଏଥିସହିତ ବିଭିନ୍ନ କିଡ୍ନୀ ରୋଗ ପାଇଁ ପ୍ଲାଜମାଫେରେସିସ୍, ସିଆରଆରଟି, ରେନାଲ୍ ବାୟୋପ୍ସି ଭଳି ସେବା ଯୋଗାଇ ଆସୁଛି। ଓଡ଼ିଶାରେ କ୍ରମାଗତ ଭାବେ କ୍ରନିକ୍ ବୃକକ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଭିନ୍ନ ସର୍ଭେରୁ ପ୍ରକାଶିତ ତଥ୍ୟ ଅନୁସାରେ ରାଜ୍ୟର ମୋଟ ଜନସଂଖ୍ୟାରେ ପ୍ରାୟ ୧୦-୧୪ ପ୍ରତିଶତ ବିଭିନ୍ନ କିଡ୍ନୀଜନିତ ରୋଗରେ ପିଡ଼ୀତ। ଯାହାକି ଜାତୀୟ ହାରଠାରୁ ଅଧିକ ଅଟେ। ଏହାବ୍ୟତୀତ ରାଜ୍ୟରେ କିଛି ଅଂଚଳରେ କିଡ୍ନୀ ରୋଗର ପ୍ରାଦୁର୍ଭାବ ପ୍ରାୟ ୨୦ ପ୍ରତିଶତ ରହିଛି। ଏସମସ୍ତ ଅଂଚଳକୁ ସିକେଡି ହଟ୍ସ୍ପଟ୍ ଅଂଚଳ ଭାବେ ବିବେଚିତ କରାଯାଉଛି। ଯାହାକି ଚିନ୍ତାଜନକ ବୋଲି ଡ. ପଣ୍ଡା ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟଯେ ବର୍ତ୍ତମାନ ଭାରତରେ ୧୦୦ ମିଲିୟନରୁ ଅଧିକ ଲୋକ କିଡନୀ ରୋଗରେ ପୀଡିତ ଅଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱବ୍ୟାପୀ ଡାଇବେଟିସ୍ ମେଲିଟସ୍ ହେଉଛି ଉଚ୍ଚ ରକ୍ତଚାପ ପରେ ବୃକକ୍ ବିଫଳତାର ମୁଖ୍ୟ କାରଣ। କିନ୍ତୁ ନିକଟ ଅତୀତରେ ଅଧିକରୁ ଅଧିକ ଯୁବକ ଅଣ-ମଧୁମେହ ରୋଗୀ ଏବଂ ଉଚ୍ଚ ରକ୍ତଚାପ ରୋଗୀ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଥିବା ଡ. ପଣ୍ଡା ସୂଚନା ଦେଇଛନ୍ତି। ରକ୍ତଚାପ, ମଧୁମେହକୁ ନିୟନ୍ତ୍ରଣ କରିବା, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା, ଧୂମପାନରୁ ଦୂରେଇ ରହିବା, ଅନାବଶ୍ୟକ ଭାବେ ଔଷଧ ସେବନରୁ ଦୂରେଇ ରହିବା ଆଦି ପାଳନ ଦ୍ୱାରା କିଡ୍ନୀ ରୋଗରୁ ରକ୍ଷା ଦେଇପାରିବ ବୋଲି ଆଜି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ୍ ମେଡିସିନ୍ ବିଭାଗର ଅତିରିକ୍ତ ପ୍ରଫେସର ଡ. ଅନୁପମ ଦେ, ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ମନୋଜ ଦାସ, ଶିଶୁରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅମିତ ଶତପଥୀ, ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡ. ଦେବାନନ୍ଦ, ନେଫ୍ରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ପ୍ରୀତି ମୀନା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟଯେ ଜନସାଧାରଣ ତଥା ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ମଧ୍ୟରେ କିଡନୀ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୨୦୦୬ ମସିହାରୁ ମାର୍ଚ୍ଚ ମାସର ୨ୟ ଗୁରୁବାରକୁ ବିଶ୍ୱ ବୃକକ୍ ଦିବସ ଭାବେ ପାଳନ କରାଯାଇଆସୁଛି। ବୃକକ୍ ର ସୁରକ୍ଷା ନିମନ୍ତେ ତଥ୍ୟ ପାଇବାର ବ୍ୟବଧାନକୁ କମ କରିବା ଶୀର୍ଷକ ବିଷୟକୁ ନେଇ ଚଳିତ ବର୍ଷ ବିଶ୍ୱ କିଡ୍ନୀ ଦିବସ ଆଜି ପାଳିତ ହୋଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Saturday March 12 ଭୁବନେଶ୍ୱର ଶନିବାର, ମାର୍ଚ୍ଚ ୧୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସଂସ୍କୃତି ରକ୍ଷକ ଯୋଗୀ ଆଦିତ୍ୟନାଥଙ୍କ ପ୍ରତ୍ୟାବର୍ତ୍ତନରେ ଉତ୍ସାହିତ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ




ଭୁବନେଶ୍ୱର, (ପି.ଏନ) : ସନାତନ ସଂସ୍କୃତିର ଜଣେ ଦୃଢ଼ ପ୍ରଚାରକ ଭାବରେ ପରିଚିତ ଯୁବ ସନ୍ୟାସୀ ଯୋଗୀ ଆଦିତ୍ୟନାଥଙ୍କ ଉତ୍ତର ପ୍ରଦେଶ ଶାସନ କ୍ଷମତାରେ ପୁନଃ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛି ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ । ଆଜି ମାଷ୍ଟରକ୍ୟାଣ୍ଟିନରେ ଆୟୋଜିତ ଏହି ଉତ୍ସାହ ପ୍ରଦର୍ଶନ ଉତ୍ସବରେ ଯୋଗ ଦେଇ ସଙ୍ଗଠନର ପ୍ରଦେଶ ବିସ୍ତାରକ ଦୀନବନ୍ଧୁ ଷଡଙ୍ଗୀ କହିଛନ୍ତି ଯେ ଓଡ଼ିଶାର ନେତୃତ୍ୱ ପାଇଁ ମଧ୍ୟ ଯୋଗୀଙ୍କ ପରି ଜଣେ ଧ୍ୟେୟନିଷ୍ଠ ସଂସ୍କୃତିବାନ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି । ଓଡ଼ିଶାର ସଂସ୍କୃତି ଚିରନ୍ତନ ଶାଶ୍ୱତ ଓ ସନାତନ ଧର୍ମର ସଂସ୍କୃତି । ଏହାର ସଠିକ ସଂରକ୍ଷଣ ପାଇଁ ସେଭଳି ବ୍ୟକ୍ତିତ୍ୱର ଅଭାବ ରହିଛି ଏବଂ ସେଥିପାଇଁ ଦିନକୁ ଦିନ ବିକୃତି ମାଡି ବସୁଛି । ଆମେ କେବଳ ଏ ମାଟିର ସଂସ୍କୃତି ପ୍ରତି ସମ୍ମାନ ଜଣାଇ ଶୋଇ ରହିଲେ ଚଳିବନି ଏହାର ସୁରକ୍ଷା ପାଇଁ ବ୍ୟବସ୍ଥା ମଧ୍ୟ କରିବା ଆବଶ୍ୟକ । କେବଳ ନୈତିକତା ଏବଂ ଆଦର୍ଶର ଅନୁସରଣ ମାତ୍ର ନୁହେଁ ଏହାର ପ୍ରତିଷ୍ଠା କିପରି ହେବ ସେ ଦିଗରେ ପ୍ରଚେଷ୍ଟା କରିବା ମଧ୍ୟ ଆବଶ୍ୟକ । ଏଥିପାଇଁ ପ୍ରତ୍ୟେକ ସଂସ୍କୃତିପ୍ରେମୀ ବ୍ୟକ୍ତି ସତତ ପ୍ରୟାସ କରିବା ସହ ଅନ୍ୟମାନଙ୍କୁ ପ୍ରେରିତ କରିବା ଆବଶ୍ୟକ । ଏହି ବୈଚାରିକ ପ୍ରବାହକୁ ତ୍ୱରାନ୍ୱିତ କରିବା ପାଇଁ କୁଟୁମ୍ବ ଆପ୍ଲିକେସନରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ଏକ ବୈପ୍ଲବିକ ପଦକ୍ଷେପ । ଏଥିରେ ଯୁବପୀ ? ସହଜରେ ଯୋଡ଼ି ହେବା ସହ ଅନ୍ୟମାନଙ୍କୁ ଯୋଡ଼ି ଏହି ଦେବ ସଂସ୍କୃତି ଦିଗବିଜୟ ଅଭିଯାନରେ ସାମିଲ ହୋଇପାରିବେ । କାର୍ଯ୍ୟକ୍ରମରେ ଯୋଗ ଦେଇ ସଙ୍ଗଠନର ଅନ୍ୟତମ ପ୍ରଚାରକ ଉଜ୍ଜ୍ୱଳ ପଣ୍ଡା ଏହି ଡିଜିଟାଲ ଆପ୍ଲିକେସନର ଉପଯୋଗୀତା ଏବଂ ଉପଯୁକ୍ତ ବ୍ୟବହାର ଉପରେ ସମ୍ୟକ ଦୃଷ୍ଟିପାତ କରିଥିଲେ । ଓଡ଼ିଶାର ପ୍ରତି ପରିବାରକୁ ଏହି ଆପ୍ଲିକେସନ ଜରିଆରେ ଯୋଡ଼ାଯିବା ଆବଶ୍ୟକ ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କାର୍ଯ୍ୟକର୍ତ୍ତା ଲକ୍ଷ୍ମୀ ନାରାୟଣ ରଥ , ମନ୍ଦିର ସେବାୟତ ସଙ୍ଘ ପକ୍ଷରୁ କୃତ୍ତିବାସ ରଥ, ସମାଜିକ ସ୍ୱେଚ୍ଛାସେବୀ ଗୋପବନ୍ଧୁ ପ୍ରଧାନ, ରଣଜିତ ଧଳ, କାହ୍ନୁଚରଣ ପ୍ରଧାନ, ଶୁଭ୍ରାଂଶୁ ଶେଖର ପାତ୍ର, ନିରଞ୍ଜନ ନାୟକ, ପ୍ରଭାତ ସାହୁ, ଜିତୁନ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପୌର ନିର୍ବାଚନ ଅବ୍ୟବହିତ ପୂର୍ବରୁ ଯୁବ ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ



ପାରାଦୀପ,(ପି.ଏନ): ଚଳିତ ମାସ ୨୪ ତାରିଖ ଦିନ ରାଜ୍ୟର ବିଭିନ୍ନ ପୌରାଂଚଳରେ ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହିକ୍ରମରେ ପାରାଦୀପ ରେ ମଧ୍ୟ ପୌର ନିର୍ବାଚନ ହେବ । ଏହାକୁ ଆଖି ଆଗରେ ରଖି ପାରାଦୀପ ନଗର ଯୁବ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଆୟୋଜିତ ହୋଇଥିଲା । ଏହି ବୈଠକରେ ପାରାଦୀପ ନଗର ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଦଳର ପୌରାଧକ୍ଷ ପ୍ରାର୍ଥୀ ବସନ୍ତ ବିଶ୍ୱାଳ ଏହି ବୈଠକରେ ଯୋଗ ଦେଇ ନବୀନ ସରକାରଙ୍କ ବିଭିନ୍ନ ଲୋକଭୀମୁଖୀ କାର୍ଯ୍ୟକୁ ଲୋକମାନଙ୍କ ପାଖରେ ଯୁବ ନେତୃତ୍ୱମାନେ ପହଂଚିବାକୁ ନିବେଦନ କରିଥିଲେ । ଆଗାମୀ ନିର୍ବାଚନରେ ସମସ୍ତ ଭୋଟରମାନଙ୍କ ପାଖରେ ପହଂଚି ସେମାନଙ୍କ ସମସ୍ୟା ସମ୍ପର୍କରେ ତଦାରଖ କରିବାକୁ ଶ୍ରୀ ବିଶ୍ୱାଳ କହିଥିଲେ । ପାରାଦୀପର ସମସ୍ତ ଓାର୍ଡର ଯୁବ ବିଜେଡିର କର୍ମକର୍ତ୍ତାମାନେ ଯୋଗ ଦେଇ ରଣନିତୀ ପ୍ରସ୍ତୁତ କରିଥିଲେ । ଦଳୀୟ ନିଷ୍ପତ୍ତି ଅନୁଯାୟୀ ଦଳର ସମସ୍ତ କାଉନସିଲର ପ୍ରାର୍ଥୀମାନେ କିପରି ବିଜୟ ଲାଭ କରିବେ ସେ ନେଇ ଆଲୋଚନା କରାଯାଇଥିଲା । ଚଳିତ ଥର ଅଧ୍ୟକ୍ଷ ପଦବୀ ନିମନ୍ତେ ଅଲଗା ମତଦାନ କରାଯାଉଥିବା ବେଳେ ଦଳର ଅଧ୍ୟକ୍ଷ ପ୍ରାର୍ଥୀ ବସନ୍ତ ବିଶ୍ୱଳଙ୍କୁ ପୁର୍ନବାର ଅଧ୍ୟକ୍ଷ ଭାବେ ସର୍ବାଧିକ ଭୋଟ ବ୍ୟବଧାନରେ ଜିତାଇବାକୁ ସମସ୍ତ ଯୁବ ପ୍ରତିନିଧିମାନେ ସଙ୍କଳ୍ପ ନେଇଥିଲେ । ଏହି ବୈଠକରେ ଜିଲ୍ଲା ବିଜେଡିର ଉପସଭାପତି କୁମରବର ନାୟକ,ନଗର ବିଜେଡିର ଉପସଭାପତି ଉଲ୍ଲାସ ବିଶ୍ୱାଳ, ସମ୍ପାଦକ ପ୍ରକାଶ କୁମାର ଜେନା,ଜ୍ୟୋତିକାନ୍ତ ପରିଡା, ସଂଖ୍ୟା ଲଘୁ ସେଲ୍ ର ଅଧ୍ୟକ୍ଷ ଅବଦୁଲ୍ ଆବିଦ୍ ଖାନ୍, ଚିତ୍ତ ରଂଜନ ମଲ୍ଲିକ, ଅଟଳ ପରିଡା, ଶକ୍ତି ରଂଜନ ସ୍ୱାଇଁ, ମିଳନ ରାଉତରାୟ,ସତ୍ୟବାଦୀ ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କାଙ୍କ ସମେତ ସମସ୍ତ ଓାର୍ଡର ଯୁବ ବିଜେଡି ପ୍ରତିନିଧି ଓ ସଦସ୍ୟମାନେ ଯୋଗ ଦେଇଥିଲେ । ଶେଷରେ ଯୁବ ବିଜେଡି ସମ୍ପାଦକ ଅଧିର କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଶାସ୍ତ୍ରୀୟ ଓଡିଆଭାଷା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି । ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ବୈଠକ ଆରମ୍ଭ ହୋଇଥିଲା । ଏହି ବୈଠକରେ ସମ୍ମିଳନୀର ବରିଷ୍ଠ ଉପ-ସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଅତିଥୀ ଭାବେ ଯୋଗ ଦେଇ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଓ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ । ବୈଠକରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଥିଲେ ଯେ, ଗତ ଆଠ ବର୍ଷ ତଳୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ଦିଆ ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଭଳି କିଛି ଉନ୍ନତି ହୋଇ ନାହିଁ । ଉତ୍କଳ ସମ୍ମିଳନୀର ଉପ-ସଭାପତି ବିଚିତ୍ର ବଡଜେନା ଓ ଡ. ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଡ. ରବି ରନ ସାହୁ, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, କୋଷାଧକ୍ଷା ବାସନ୍ତୀ ସିଂ, ଡ. ବିପିନି ବିହାରୀ ବାରିକ, ଡ. ରବି ନାରାୟଣ ବେହେରା, ଡ. ଜଗବନ୍ଧୁ ଷଡଙ୍ଗୀ, ମହେଶ୍ୱର ବିଶ୍ୱାଳ, ଅକ୍ଷୟ ଜେଠୀ, ରୁଷୀ ପଟ୍ଟନାୟକ, ଡ. ବିଜୟାନନ୍ଦ ମହାନ୍ତି ଓ ଅନ୍ନପୂର୍ଣ୍ଣା ଦାସ ଆଦି ଓଡିଆ ଭାଷାର ଉନ୍ନତି ପାଇଁ ଭିନ୍ନ ଭିନ୍ନ ପ୍ରସ୍ତାବ ମାନ ଦେଇଥିଲେ । ଶେଷରେ ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ମହାନଗର ନିଗମ ନିର୍ବାଚନ ପାଇଁ କଂଗ୍ରେସର ରଣନୀତି ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,(ପି.ଏନ) : ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ ପରିପ୍ରେକ୍ଷୀରେ ରଣନୀତି ପ୍ରସ୍ତୁତି ପାଇଁ ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟ ଠାରେ ଦଳର ମୁଖପାତ୍ର ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ କଂଗ୍ରେସର ମେୟର ପ୍ରାର୍ଥିନୀ ମଞ୍ଜୁ ରଥ, ମହିଳା କଂଗ୍ରେସ ସଭାନେତ୍ରୀ ବନଜା ପଣ୍ଡା, ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, କଂଗ୍ରେସ ନେତା ଶିବରାମ ପାତ୍ରଙ୍କ ସମେତ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ଦଳୀୟ ପ୍ରାର୍ଥୀ ଯୋଗ ଦେଇଥିଲେ । ମୁଖ୍ୟତଃ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ସହରବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବାରୁ ଏହାକୁ ପାଥେୟ କରି ଏକ ଭ୍ରଷ୍ଟାଚାରମୁକ୍ତ ଶାସନ ପ୍ରତିଷ୍ଠା କେବଳ କଂଗ୍ରେସ ଦଳ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଦଳର ସଭାପତି ବିଧାୟକ ରମେଶ ଚନ୍ଦ୍ର ଜେନା ଷ୍ଟାର ପ୍ରଚାରକ ଭାବେ ଆସନ୍ତା ୧୨ ତାରିଖରୁ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିବେ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ । କଂଗ୍ରେସ ଏକ ଧର୍ମ ନିରପେକ୍ଷ ଦଳ ହୋଇଥିବାରୁ ସବୁ ସମ୍ପ୍ରଦାୟର ଭୋଟରଙ୍କ ଏହି ଦଳ ପ୍ରତି ଆସ୍ଥା ରହିଛି । ଏହି କାରଣରୁ ଏଠାରେ କଂଗ୍ରେସର ବିପୁଳ ବିଜୟ ହେବ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ଅନଲାଇନ୍ କ୍ୱାଟର ଅବଣ୍ଟନ ପୋର୍ଟାଲ୍ ଲୋକାର୍ପିତ

ପାରାଦୀପ, (ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ଅନଲାଇନ୍ ମାଧ୍ୟମରେ କ୍ୱାଟର ଆବଣ୍ଟନ ପୋର୍ଟାଲର ଲୋକାର୍ପଣ ହୋଇଛି । ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ.ହରାନାଦ ଏହି ପୋର୍ଟାଲର ଲୋକାର୍ପଣ କରିଥଲେ । କ୍ୱାଟର ଆବଣ୍ଟନରେ ସ୍ୱଚ୍ଛତା ଆଣିବା ସହ ଅତି ସହଜରେ ଏହି ପ୍ରକ୍ରିୟାର ତଦାରଖ କରାଯାଇ ପାରିବ ବୋଲି ଶ୍ରୀ ହରାନାଦ ଆଶା ରଖିଥିବା ଜଣା ପଡିଛି । ଏହି ପୋର୍ଟାଲ ମାଧ୍ୟମରେ ଖାଲି ଥିବା ବନ୍ଦର କ୍ୱାଟର ସମ୍ପର୍କରେ ତଥ୍ୟ ମିଳିପାରିବ । ବନ୍ଦର ବ୍ୟବହାରକାରୀ ତଥା ବେସରକାରୀ ସଂସ୍ଥାମାନେ ଏହା ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ପାଇ ପାରିବେ । ଆବେଦନକାରୀ ସେମାନଙ୍କ ଆବେଦନ ପତ୍ର ସମ୍ପର୍କରେ ମଧ ସୂଚନା ପାଇ ପାରିବେ । ଏହି ପୋର୍ଟାଲକୁ ଆଇଆଇଟି ଚେନ୍ନାଇ ସହଯୋଗରେ ପ୍ରସ୍ତୁତ କରାଯାଇଛି ।

## ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର



ବାଲେଶ୍ୱର,(ପି.ଏନ): ଭାଣ୍ଡାରୀପୋଖରୀ ମଞ୍ଜୁରୀ ରୋଡ ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଷରରେ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ହସ୍ପିଟାଲ ର ମିଳିତ ଆନୁକୁଲ୍ୟରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳ ରେ ଅସହାୟ ଓ ଗରିବ ଲୋକଙ୍କ ପାଇଁ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ପ୍ରୟାସ ଜାରି ରହିଛି । ଟ୍ରଷ୍ଟର ପ୍ରତିଷ୍ଠତା ତ୍ରିଲୋଚନ ଦାସ, ସମ୍ପାଦିକା ପୂଜାରାଣୀ ବେହେରା, ରତିକାନ୍ତ ନାୟକ, ତୋଫାନି ପଣ୍ଡା, ବିନୋଦ ବାରିକ, ନିଳମଣୀ, ଅନ୍ୟ ସଦସ୍ୟ ବୃନ୍ଦ ଓ ଭୂମିକା ହସ୍ପିଟାଲର ଡ଼ଃ ଶାନିଭା ପ୍ରିୟଦର୍ଶିନୀ କର, ରବିନ୍ଦ୍ର ଜେନା ଓ ସମସ୍ତ କର୍ମକର୍ତ୍ତା ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶତାଧିକ ରୋଗୀ ନିଜର ଚକ୍ଷୁ ପରିକ୍ଷା କରାଇଥିଲେ । ସେଥିରୁ ମୋତିଆବିନ୍ଦୁ ଚିହ୍ନଟ ୪୨ ଜଣ ରୋଗୀଙ୍କୁ ବିନା ମୁଲ୍ୟରେ ଅସ୍ତ୍ରୋପ୍ରଚାର କରାଯିବ ବୋଲି ପ୍ରତିସୃତି ଦିଆଯାଇଥିଲା ଓ ସମସ୍ତ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା ।


ADMISSION OPEN

MAHARISHI PUBLIC SCHOOL

STD-I TO V

25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY







FIND THE DIFFERENCE

- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL

PLAYGROUP (2+), NURSERY (3+), LKG, UKG, STD I TO V

N-4/F-24, IRC VILLAGE, NAYAPALLI, BHUBANESWAR - 751015

PH : (0674) 2558884 2550786, 9348320060

E-mail : maharishipublic13@gmail.com, Website : www.maharishipublicschool.com



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray